ସକାଳ THE SAKALA



# ମଣ୍ଡିର ଧାନ କିଣା ପାଇଁ ଟାର୍ଗେଟ ନାହିଁ
# ପାକ୍ସ ଓ ଚାଷୀ ହତାଶ

## ଅତିବାହିତ ହୋଇଗଲାଣି ଟୋକନ ସମୟ





ରାଜକନିକା,୧୪।୨(ସମିସ): ସରକାର ପରିବର୍ତ୍ତନ ପରେ ଚାଷୀଙ୍କୁ ଏମଏସପି ଦେଇ କୁଇଣ୍ଟାଲ ପିଛା ୩୧ ଶହ ଟଙ୍କା ମିଳିବାର ଘୋଷଣା ସଠିକ ଢଙ୍ଗରେ ପରିଚାଳିତ ହେଉ ନ ଥିବାରୁ ଚାଷୀ ମାନେ ଟୋକନ ପାଇ ବି ଧାନ ଦେଇ ପାରୁ ନାହାନ୍ତି ।ଗତ ସପ୍ତାହର ଜିଲ୍ଲା ଟାର୍ଗେଟ ଥିବା ୫ ଲକ୍ଷ କୁଇଣ୍ଟାଲ ଧାନ ସଂଗ୍ରହ ପରେ ଏବେ ଟୋକନ ଥାଇ ବି ତାହା ଲାପ୍ସ କରିଗଲାଣି । ମାତ୍ର ଚାଷୀଙ୍କ ଧାନ ପାକ୍ସ କିଣିପାରିନାହିଁ ।ଘୋଷଣା ମୁତାବକ ଚଳିତ ବର୍ଷ ସମସ୍ତ ପଞ୍ଜିକୃତ ଚାଷୀ ମାନେ ପାଇଥିବା ଟୋକନ ସମୟ ଅବଧି ଯଦି ଶେଷ ହୋଇଯାଏ, ମାତ୍ର ଚାଷୀ ଧାନ ବିକି ନ ପାରେ ତେବେ ଜିଲ୍ଲାପାଳଙ୍କ ପକ୍ଷରୁ ଚାଷୀର ଟୋକନ ରିଜେନେରେଟ କରାଯିବ । ମାତ୍ର ଏହି ଘୋଷଣା ଜିଲ୍ଲାରେ କାଁ ଭାଁ ଲାଗୁ ହୋଇଥିବା ବେଳେ ରାଜକନିକା ବ୍ଲକରେ କେହି ଜଣେ ବି ଚାଷୀ ଏହି ସୁଯୋଗ ପାଇ ନାହାନ୍ତି । ପ୍ରଥମେ ବାହାର ରାଜ୍ୟକୁ ଧାନ ଚାଲାଣ ରୋକିବାରେ ସମ୍ପୂର୍ଣ୍ଣ ଅପାରଗତା ଦେଖାଇ ଥିବା ସରକାରଙ୍କ ଯୋଗାଣ ବିଭାଗ ଜାଣିଶୁଣି ଟୋକନ ଲାପ୍ସ ପରେ ବି ଜିଲ୍ଲାକୁ କୌଣସି ଅନୁରୋଧ ନ କରିବା କିମ୍ବା ଜିଲ୍ଲା ପ୍ରଶାସନ ଏ ଦିଗରେ କୌଣସି ସନ୍ତୋଷଜନକ ପଦକ୍ଷେପ ନ ନେବାରୁ ପ୍ରତି ପାକ୍ସରେ ଶହ ଶହ କୁଇଣ୍ଟାଲ ଧାନ ଗଦେଇ ଚାଷୀ ଅପେକ୍ଷାରେ ରହିଛି । ତେବେ ଏକ ଅନୁସନ୍ଧାନ ଅନୁଯାୟୀ ରାଜକନିକା ବ୍ଲକର ମୋଟ ୧୭ପ୍ରତିଶତ ଚାଷୀ ଏ ଯାବତ ଧାନ ବିକିବାରେ ସକ୍ଷମ ହୋଇଥିବା ବେଳେ ଏବେ ୫୭ ପ୍ରତିଶତ ଚାଷୀଙ୍କ ଟୋକନ ଲାପ୍ସ ହୋଇଛି । ରାଜ୍ୟ ଓ ଜିଲ୍ଲା ଟାର୍ଗେଟରେ କୌଣସି ସୁବିଧାଜନକ ଅଧିକାର ପାଉ ନ ଥିବା ଚାଷୀଙ୍କ ଏଭଳି ସ୍ଥିତି ଯୋଗୁ ହତାଶ ବଢ଼ିଛି । ଧାନ ବିକିବାକୁ ଚାଷୀ ପାକ୍ସ ମାନଙ୍କରେ ଭିଡ଼ କରି ସମିତି ସମ୍ପାଦକମାନଙ୍କ ଶହ ଦୈନିକ ତୁ ତୁ ମେଁ ମେଁ ଲାଗି ରହିଥିବା ବେଳେ ଜିଲ୍ଲାପାଳ ଲାପ୍ସ ହୋଇଥିବା ଟୋକନର ପୁନଃ ନବୀକରଣ କରାଇ ସବୁ ପଞ୍ଜିକୃତ ଚାଷୀଙ୍କଠାରୁ ଧାନ କିଣିବାକୁ ଓଡିଶା କୃଷକ ସଭା ରାଜକନିକା ଶାଖା ତରଫରୁ ଅନୁରୋଧ କରାଯାଉଛି ।

# ଖୋଲା-ଭିତରକନିକା ରାସ୍ତା ମରଣଯନ୍ତା
# ୧୮ ଘଣ୍ଟା ମଧ୍ୟରେ ଦୁଇ ଯୁବକ ମୃତ

ରାଜନଗର, ୧୪।୨(ସମିସ): ରାଜନଗର ଡାଙ୍ଗମାଳ ମୁଖ୍ୟ ରାସ୍ତା ଏବେ ମରଣଯନ୍ତା । ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିବାରୁ ରାସ୍ତାରେ ଯା'ଆସ କରିବା ନର୍କ ଯନ୍ତ୍ରଣାଠାରୁ ବି କଷ୍ଟ ଦାୟକ । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମନମାନିରେ ଦୀର୍ଘ ଦୁଇ ବର୍ଷ ହେଲା ମନ୍ଥର ଗତିରେ ରାସ୍ତା କାମ ଚାଲିଛି । ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁଁ ଗତ ୧୮ ଘଣ୍ଟା ମଧ୍ୟରେ ଦୁଇଟି ସଡ଼କ ଦୁର୍ଘଟଣାରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି ।



ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ବାଘଡେିଲା ଗାଁର ସର୍ବେଶ୍ୱର ଜେନାଙ୍କ ଭାଇଙ୍କ ଝିଅର ବାହାଘର ଡାଙ୍ଗମାଳର ମା' ଜୟଦୁର୍ଗାଙ୍କ ପୀଠରେ ହେଉଥିଲା । ବାହାଘର ସାରିବା ପରେ ସର୍ବେଶ୍ୱରଙ୍କ ପୁଅ ଆକାଶ ଜେନା (୨୨) ଗତକାଲି ରାତି ପ୍ରାୟ ୯ ଘଟିକା ସମୟରେ ଘରକୁ ଫେରୁଥିଲେ । ବରାଡିଆ ନିକଟରେ ରାସ୍ତାର ଗୋଟିଏ ପାଶ୍ୱର୍ ଢଳେଇ କାମ ହୋଇଥିବା ବେଳେ କୌଣସି ସୂଚନା ଫଳକ ଦିଆଯାଇନଥିଲା । ସେଠାରେ ମୋଟର ସାଇକଲ ବାଡେଇ ହୋଇଥିଲା । ଫଳରେ ଆକାଶଙ୍କ ଗୋଡ଼ ଭାଙ୍ଗିବା ସହିତ ମୁଣ୍ଡରେ ଜୋରରେ ଆଘାତ ଲାଗିଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସେପଟେ ଭଉଣୀର ସବାରି ଉଠୁଥିବା ବେଳେ ଏପଟେ ଭାଇର କୋକେଇ ଉଠିବା ଘଟଣା ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ଖମାରସାହି ପଞ୍ଚାୟତ ରାଜେନ୍ଦ୍ରନାରାୟଣପୁର ଗାଁର ଦିବାକର ମଣ୍ଡଳ ( ୩୫ ବର୍ଷ ) ତାଳଚୁଆରୁ ମୋଟର ସାଇକେଲ ଯୋଗେ ଆଜି ଦିନ ପ୍ରାୟ ୩ ଘଟିକା ସମୟରେ ଘରକୁ ଫେରୁଥିଲେ । ଏହି ରାସ୍ତାର ନଳିତାପାଟିଆ ନିକଟରେ ଏକ ଘରୋଇ ହୋଟେଲ ସମୁଖରେ ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁଁ ମୋଟର ସାଇକଲ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ଦିବାକରଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଡାଙ୍ଗମାଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତରିତ କରାଯାଇଥିଲା । ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ଦିବକରଙ୍କୁ ମୃତ ଘୋଷଣା କରିଥିଲେ । ଦିବାକର ଭିତରକନିକାକୁ ଆସୁଥିବା ପର୍ଯ୍ୟଟକଙ୍କୁ ବୋଟ ସେବା ଯୋଗାଇ ଆସୁଥିଲେ । ରାସ୍ତା ଅବସ୍ଥା ଶୋଚନୀୟ ଯୋଗୁଁ ଗତ ୧୮ ଘଣ୍ଟା ମଧ୍ୟରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି ।

## ମଣ୍ଡଳସ୍ତରୀୟ 'ନିପୁଣ ଓଡ଼ିଶା' ମେଳା

ପଞ୍ଚୁପାଣ୍ଡବ,୧୪।୨(ସମିସ): ଡେରାବିଶ ବ୍ଲକ୍ ମଙ୍ଗଳପୁର ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳପୁର ପ୍ରାଥମିକ ବିଦ୍ୟାଳୟରେ ମଣ୍ଡଳସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବିଇଓ ଶ୍ରୀକାନ୍ତ ବେହେରା ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନାତନ ଜେନା, ସମ୍ମାନିତ ଅତିଥି ଭାବେ ଏବିଓ ଖଗେଶ୍ୱର ନାୟକ, ସଚ୍ଚିକାନ୍ତ ମିଶ୍ର, ଦେବଦତ୍ତ ଶତପଥୀ, ସ୍ଥାନୀୟ ସରପଞ୍ଚ ଇତିଶ୍ରୀ ନାୟକ, ବେଣୀପୁର ସରପଞ୍ଚ ମୋହନ ଚରଣ ସାହୁ ଓ ଅମରେନ୍ଦ୍ର ଦାଶ ଯୋଗ ଦେଇଥିଲେ । ସିଆରସିସି ପ୍ରଦୀପ ମଲ୍ଲଙ୍କ ସଂଯୋଜନାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ମଳିକ ସଭାପତିତ୍ୱ କରିଥିଲେ । ରାମଚଣ୍ଡୀ ଶିକ୍ଷା ନିକେତନ ଛୋଟି କ୍ଲଷ୍ଟରର ୧୦ଟି ବିଦ୍ୟାଳୟରୁ ପ୍ରାୟ ଶହେରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ । କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବାବେଳେ ଶିକ୍ଷକଙ୍କୁ ବିଇଓ ଶ୍ରୀକାନ୍ତ ବେହେରା ପ୍ରଶଂସା ପତ୍ର ପ୍ରଦାନ କରିଥିଲେ । ଶିକ୍ଷକ ତ୍ରିଲୋଚନ ମଲିକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉତ୍ତମ ମଲ୍ଲିକ ମଞ୍ଚ ପରିଚାଳନା କରିଥିଲେ ।

## ମଦନମୋହନଜୀଉଙ୍କ ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୧୪।୨(ସମିସ): କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ ସୁଜାନଗର ଗ୍ରାମସ୍ଥ ତୈଳିକ ବୈଶ୍ୟ ସମାଜର ଇଷ୍ଟ ଦେବତା ମଦନମୋହନଜୀଉ ମନ୍ଦିରର ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ମଙ୍ଗଳବାର ଘଟ ସ୍ଥାପନ ପରେ ଶୁଭାଧିବାସ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା । ବୁଧବାର ମାଘ ପୂର୍ଣ୍ଣିମା ଅବସରରେ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା । ଆଖପାଖ ଅଞ୍ଚଳର ୬ଟି କୀର୍ତ୍ତନ ଦଳ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଉତ୍ସବକୁ ମଦନମୋହନଜୀଉ କମିଟି ସଭାପତି ଭରତ ସାହୁଙ୍କ ନେତୃତ୍ୱରେ କୁଳମଣି ନାୟକ, ଭବାନୀ ସାହୁ, କୁମାରେଶ ସାହୁ, ରବୀନ୍ଦ୍ର ସାହୁ, ସରୋଜ ସାହୁ, ଦେବାଶିଷ କୁବେର, ମୃତ୍ୟୁଞ୍ଜୟ ସାହୁ, ମହେନ୍ଦ୍ର ସାହୁ, ପଞ୍ଚାନନ ଗେରୁ, ପଦ୍ମନାଭ ସାହୁ, ତ୍ରିଲୋଚନ ସାହୁ, ହଳଧର ସାହୁ, କୈଳାସ ସାହୁ, ଗଣେଶ ସାହୁ, ନଳିନୀକାନ୍ତ ସାହୁ, ଚିତ୍ତରଞ୍ଜନ ପୃଷ୍ଟି ଓ ସ୍ଥାନୀୟ ଗ୍ରାମବାସୀ ପରିଚାଳନା କରିଥିଲେ ।

## ବିଲିକଣା ସ୍କୁଲରେ 'ନିପୁଣ ଓଡ଼ିଶା' ମେଳା

ପଟ୍ଟାମୁଣ୍ଡାଇ,୧୪।୨(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ସପନେଶ୍ୱର ନୋଡାଲ କ୍ଲଷ୍ଟର ଅନ୍ତର୍ଗତ ବିଲିକଣା ବିବିୟୁପି ସ୍କୁଲ୍ ପରିସରରେ କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି । ସିଆରସିସି ଲୋକନାଥ ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଲିକଣା ହାଇସ୍କୁଲ ପ୍ରଧାନଶିକ୍ଷକ ସୁଶାନ୍ତ ଦାଶ ମୁଖ୍ୟଅତିଥି, ପ୍ରାକ୍ତନ ସିଆର୍‌ସିସି ଉମାକାନ୍ତ ବେହେରା, ବିବି ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପଲତା ନାୟକ,ସ୍କୁଲ ପରିଚାଳନା କମିଟି ସଭାପତି ନିର୍ମଳ ଚନ୍ଦ୍ର ଜେନା, ବନ୍ଦେ ମାତରଂ କ୍ଲଷ୍ଟରର ସିଆର୍‌ସିସି ମନୋଜ ସେଠୀ, ପ୍ରାକ୍ତନ ସିଆର୍‌ସିସି ବିଶ୍ୱରଞ୍ଜନ ଦାଶ ଓ ଶୁକଦେବ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିପୁଣ ମେଳାର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଜନମଙ୍ଗଳ ନୋଡାଲ ୟୁପି ସ୍କୁଲ୍‌ର ଶିକ୍ଷକ ସୁଶାନ୍ତ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କ୍ଲଷ୍ଟର ଅନ୍ତର୍ଗତ ୧୨ଟି ବିଦ୍ୟାଳୟର ଏଫ୍‌ଏଲ୍‌ଏନ୍ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ସହ ୧୨୦ ଜଣ ଛାତ୍ରଛାତ୍ରୀ ଯୋଗଦେଇ ମଡେଲ ପ୍ରଦର୍ଶନ କରିଥିଲେ । ବିବି ଉପ୍ରା ବିଦ୍ୟାଳୟ ଶିକ୍ଷକ କମଳାକାନ୍ତ ପ୍ରଧାନ ଧନ୍ୟବାଦ ଦେଇଥିଲେ ।

## ରାଜନଗର ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

ରାଜନଗର,୧୪।୨ (ସମିସ): ଓଡ଼ିଶାର ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ପାଇଁ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଆରମ୍ଭ କରାଯାଇଛି ବିକଶିତ ଗାଁ, ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ । ଏହାକୁ ସଫଳ ରୂପାୟନ ଦେବାପାଇଁ ଆଜି ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର ଗ୍ରାମସଭା ଆୟୋଜନ କରାଯାଇଥିଲା । ଆଜି ରାଜନଗର ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏହି ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି । ସରପଞ୍ଚ ସୁଶ୍ରୀ ସଂଗୀତ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟା ସୁମିତ୍ରା ସେଠୀ, ନ୍ୟାୟ ସରପଞ୍ଚ ବାଇଧର ସେଠୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ଅନିତ୍ୟ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇ ବିକଶିତ ଗାଁ, ବିକଶିତ ଓଡ଼ିଶା ଯୋଜନାର ଉଦେଶ୍ୟ ସମ୍ପର୍କରେ କହିଥିଲେ । ଏହି ଗ୍ରାମସଭାରେ ପଞ୍ଚାୟତର ସଭ୍ୟ ସଭ୍ୟା ଓ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସଂଯୁକ୍ତା ବାରିକ, ବାସୁଦେବ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ଆଞ୍ଚଳିକ ସାଧନ କେନ୍ଦ୍ରରେ 'ନିପୁଣ ଓଡ଼ିଶା' ମେଳା





ରାଜନଗର, ୧୪।୨ (ସମିସ): ରାଜନଗର ବ୍ଲକ ବରଗାଁ ମାଟିଆ ମଙ୍ଗଳା କ୍ଲଷ୍ଟରର ଜରିମୂଳ ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ରସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି । ସିଆରସିସି ଅମର କୁମାର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତରଂଜନ ପଣ୍ଡା ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟା ସସ୍ମିତା ସ୍ୱାଇଁ, ଜରିମୂଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଆଶାଲତା ରାଉତ,ବାରଗାଁ ମାଟିଆ ମଙ୍ଗଳା ନୋଡାଲ ସ୍କୁଲର ପ୍ରଧାନଶିକ୍ଷକ ବିଚିତ୍ରାନନ୍ଦ ପାତ୍ର, କୁସୁନପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ରଙ୍ଗାଧର ଜେନା ପ୍ରମୁଖ ଯୋଗ ଦେଇ ନିପୁଣ ଓଡ଼ିଶା ମେଳାର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ । ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସ୍ୱାଇଁ କବିତା ପାଠ କରିଥିଲେ। ଏହି କ୍ଲଷ୍ଟରର ୧୩ ଟି ବିଦ୍ୟାଳୟର ୧୩୦ ଜଣ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ମାନେ ଯୋଗ ଦେଇଥିଲେ । ଶିକ୍ଷକ ରଙ୍ଗାଧର ଜେନା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ ।

## ତଳପଡ଼ାରେ ଅଷ୍ଟପ୍ରହର ନାମଯଜ୍ଞ

ପଟ୍ଟାମୁଣ୍ଡାଇ,୧୪।୨(ସମିସ): ପଟ୍ଟାମୁଣ୍ଡାଇ ଉଟିକଣ ଅଞ୍ଚଳର ତଳପଡ଼ା ଖଣ୍ଡୁଆଳ ସାହିରେ ଷଷ୍ଠ ବାର୍ଷିକ ଅଷ୍ଟମ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ସରସ୍ୱତୀ ୟୁଥ୍ କ୍ଲବ୍ ତତ୍ତ୍ୱାବଧାନରେ ତଥା ସଭାପତି ଦେବେନ୍ଦ୍ର ପୁହାଣଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ସଂଗଠନର ସମ୍ପାଦକ ନିର୍ମଳ ଖଣ୍ଡୁଆଳ ସଂଯୋଜନା କରିଥିଲେ । ଏଥିରେ ୧୦ଟିରୁ ଅଧିକ କୀର୍ତ୍ତନ ମଣ୍ଡଳୀ ଭାଗ ନେଇଥିଲେ । ବରିଷ୍ଠ ସମାଜସେବୀ ସଞ୍ଜୟ ସ୍ୱାଇଁ, ଯୁବନେତା ମିଟୁ ମନୋଜ ନାୟକ, ଜିଲ୍ଲା ପରିଷଦ ସଭ୍ୟ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ବୀରେନ୍ଦ୍ର ରାଉଳ, ସରୋଜ ରାଉଳ, ପ୍ରବୀର ଖଣ୍ଡୁଆଳ, ବିଚିତ୍ର ମଲିକ, ପବିତ୍ର ମଲିକ, ସାଗରିକା ଖଣ୍ଡୁଆଳ ପ୍ରମୁଖ ପରିଚାଳନା କରିଥିଲେ ।

## ପତିତପାବନଜୀଉଙ୍କ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ

ଡେରାବିଶ,୧୪।୨(ସମିସ): ଡେରାବିଶ ବ୍ଲକ୍ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଡାବଳସ୍ଥ କବିସୂର୍ଯ୍ୟ ସଦାନନ୍ଦ ବ୍ରହ୍ମାଙ୍କ ମଠ ପରିସରରେ ଶ୍ରୀଶ୍ରୀ ପତିତପାବନଜୀଉଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଗୁରୁପୂଜା, ସୂର୍ଯ୍ୟପୂଜା, ଗୋପୂଜା ଓ ବିଷ୍ଣୁ ସହସ୍ର ନାମରେ ଆହୂତି ପ୍ରଦାନ କରାଯାଇଥିଲା । ତିନିଦିନ ବ୍ୟାପୀ ଯଜ୍ଞର ବୁଧବାର ପୂର୍ଣ୍ଣାହୁତି ପରେ ଉପସ୍ଥିତ ଶ୍ରଦ୍ଧାଳୁଙ୍କୁ ଚରୁଅନ୍ନ ବଣ୍ଟନ କରାଯାଇଥିଲା । ଏହି ଧର୍ମୀୟ କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଶ୍ରଦ୍ଧାଳୁ ଯୋଗଦେଇ ପ୍ରଭୁଙ୍କ କୃପାଭିକ୍ଷା କରିଥିଲେ ।

## ଗୋପ ଛକରେ ଅଷ୍ଟପ୍ରହର ନାମଯଜ୍ଞ

କେନ୍ଦ୍ରାପଡ଼ା,୧୪।୨(ସମିସ): କେନ୍ଦ୍ରାପଡ଼ା ସହର ଗୋପ ଛକରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏ ଅବସରରେ ଗୀତାଯଜ୍ଞ, ଗୋପୂଜା, ଭଜନ ସନ୍ଧ୍ୟା, ପ୍ରବଚନ ଅନୁଷ୍ଠିତ ହୋଇଥିଲା । ସୁରେନ୍ଦ୍ର ନାଥ ଶତପଥୀ ପୂଜକ ଥିବାବେଳେ ବିକ୍ରମ ମଲ୍ଲ ଓ ଜୟନ୍ତୀ ମଲ୍ଲ କର୍ତ୍ତା ଥିଲେ । ଏଥିରେ ୫ଟି ସଂକୀର୍ତ୍ତନ ମଣ୍ଡଳୀ ଯୋଗଦେଇ ସଂକୀର୍ତ୍ତନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସୁରେଶ ପ୍ରଧାନ, କୃଷ୍ଣଚନ୍ଦ୍ର ଜେନା, ପ୍ରବୀର ପତି, ସରୋଜ ନାୟକ, ସୁଜୟ ସ୍ୱାଇଁ, ସୁରେଶ ଦାସ, ଭାରତୀ ସ୍ୱାଇଁ, ବିକାଶ ସ୍ୱାଇଁ, ରାଜେନ୍ଦ୍ର ବାରିକ, ଧୀରେନ୍ଦ୍ର ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।



## ଷଷ୍ଠ ରାଜ୍ୟ ଅର୍ଥ କମିସନଙ୍କ ମହାକାଳପଡ଼ା ଗସ୍ତ

ମହାକାଳପଡ଼ା, ୧୪।୨(ସମିସ): ଷଷ୍ଠ ରାଜ୍ୟ ଅର୍ଥ କମିସନ ମହାକାଳପଡ଼ା ବ୍ଲକ୍‌ର ବଡ଼କୂଳ ପଞ୍ଚାୟତ ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମ୍ପର୍କରେ ସମୀକ୍ଷା କରିବା ସହ କେଉଁ କେଉଁ ପ୍ରକଳ୍ପ ପାଇଁ ଅର୍ଥ ବରାଦ ହେଲେ ସାଧାରଣ ଲୋକ ଉପକୃତ ହୋଇପାରିବେ, ସେ ନେଇ ଆଲୋଚନା କରିଥିଲେ । ଅର୍ଥ କମିସନର ଅରୁଣ ପଣ୍ଡାଙ୍କ ନେତୃତ୍ୱରେ ସଦସ୍ୟ ଅସିତ ମହାନ୍ତି, ବିଭୁପ୍ରସାଦ ନାୟକ ଏହି ଗସ୍ତରେ ଆସି ଜିଲ୍ଲା ଓ ବ୍ଲକ୍‌ସ୍ତରୀୟ ଅଧିକାରୀ ଓ ବଡ଼କୂଳ ପଞ୍ଚାୟତର ନିର୍ବାଚିତ ଜନପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ । ଉପକୂଳବର୍ତ୍ତୀ କେନ୍ଦ୍ରାପଡ଼ା ଜିଲ୍ଲାରେ ବିଭିନ୍ନ ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ମାଛଚାଷ କରାଗଲେ ଲାଭଦାୟକ ହୋଇପାରିବ ବୋଲି ସେ କହିଥିଲେ । ମହାକାଳପଡ଼ା ପଞ୍ଚାୟତ ସମିତି ଅଧକ୍ଷା କଳ୍ପନା ରାଉତ, ଉପାଧକ୍ଷ ବିଜୟ ଶୁକ୍ଲା, ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଉପଜିଲ୍ଲାପାଳ ଅରୁଣ ନାୟକ, ଜିଲ୍ଲା ମହିଳା ଓ ଶିଶୁ ମଙ୍ଗଳ ଅଧିକାରିଣୀ ମନୋରମା ସ୍ୱାଇଁ, ମହାକାଳପଡ଼ାର ଭାରପ୍ରାପ୍ତ ବିଡିଓ ତଥା ତହସିଲଦାର ଶିବ ପ୍ରସାଦ ମଲ୍ଲିକ, ସିଡିପିଓ କଳ୍ପନା ମଲ୍ଲିକ, ଭାରପ୍ରାପ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଏଇଇ ରାଜଲକ୍ଷ୍ମୀ ସାହୁ, ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ସୁବ୍ରତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।



## 'ରେଡିଓ ଭାବଗ୍ରାହୀ'ରେ ବିଶ୍ୱ ରେଡିଓ ଦିବସ ପାଳିତ





କେନ୍ଦ୍ରାପଡା,୧୪।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ଏକମାତ୍ର ଗୋଷ୍ଠୀ ବେତାର କେନ୍ଦ୍ର ବାରୁଅସ୍ଥ ରେଡ଼ିଓ ଭାବଗ୍ରାହୀ ଆନୁକୂଲ୍ୟରେ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନର ଅକ୍ଷୟ ମହାନ୍ତି କକ୍ଷରେ ବିଶ୍ୱ ରେଡ଼ିଓ ଦିବସ ଯଥାବିଧି ପାଳିତ ହୋଇଯାଇଛି । ପ୍ରତିଷ୍ଠାତା ବିମଳ ପ୍ରସାଦ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବାଣୀ ବିନୋଦ ସାହିତ୍ୟ ସେବା ନିକେତନର ସଭାପତି ନିରଞ୍ଜନ ପରିଡା ମୁଖ୍ୟଅତିଥି, ସତୀର୍ଥ ସମ୍ପାଦକ ମନ୍ମଥ ବରାଳ ମୁଖ୍ୟବକ୍ତା, ବିଶିଷ୍ଟ ସମାଜସେବୀ ହରିଶ୍ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଡ଼ିଓର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ସଙ୍ଗୀତଜ୍ଞ ବିମଳ ପରିଡା ବିଶ୍ୱ ରେଡ଼ିଓ ଦିବସ ଅବସରରେ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । କବି ଅମର ରାଉତ ରେଡ଼ିଓ ଉପରେ ଆଧାରିତ କବିତା ପାଠ କରିଥିଲେ । ରେଡ଼ିଓ ଭାବଗ୍ରାହୀର ବିଶିଷ୍ଟ ଗାୟିକା ନିରୁପମା ଜେନା ଓ ଅର୍ଚ୍ଚନା ପରିଡା ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । କଣ୍ଠଶିଳ୍ପୀ ମାଗୁଣି ସାହୁ, ବିଶିଷ୍ଟ ସ୍ଥପତି ଗୌରହରି ବେହେରା, ରୁରାଲ ଡେଭେଲପମେଣ୍ଟ କଲ୍‌ଚରାଲ ୟୁଥ୍ ଅର୍ଗାନାଇଜେସନର ସମ୍ପାଦକ ଚିତ୍ତରଞ୍ଜନ ପ୍ରଧାନ, ନିମ୍ବଦାରୁ କଣ୍ଢେଇ ନୃତ୍ୟ ଦଳ ମୁଖ୍ୟ ଫକୀର ଚରଣ ସିଂହ, ମାନସ ପରିଡା, ବାଦଲ ମଲିକ, ପ୍ରଦୀପ ଜେନା, ପ୍ରଭାତ ବେହେରା ପ୍ରମୁଖ ଉପସ୍ଥିତ ରହି ରେଡ଼ିଓ ଭାବଗ୍ରାହୀର ଏହି ପଦକ୍ଷେପକୁ ପ୍ରଶଂସା କରିଥିଲେ । ଶେଷରେ ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ନୀଳରକ୍ତ କଙ୍କଡ଼ା ସଚେତନତା ଶିବିର

ରାଜନଗର,୧୪।୨(ସମିସ): ରାଜନଗର ବ୍ଲକ୍ ଭିତରକନିକା ଜାତୀୟ ଉଦ୍ୟାନର ତାଳଚୁଆସ୍ଥ ଶୈଳେନ୍ଦ୍ରସରାଇ ବିଟ୍‌ଠାରେ ନୀଳରକ୍ତ କଙ୍କଡ଼ା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏସିଏଫ ମାନସ ଦାସଙ୍କ ପୌରୋହିତ୍ୟରେ ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡିଏଫଓ ସୁଦର୍ଶନ ଗୋପୀନାଥ ଯାଦବ ଯୋଗ ଦେଇଥିଲେ । ଏହାର କିପରି ସୁରକ୍ଷା କରାଯିବ ଓ ଜାଲରେ ପଡ଼ିଲେ ଏହାକୁ ପାଣିରେ ଛାଡ଼ିବାକୁ ଉପସ୍ଥିତ ଥିବା ମତ୍ସ୍ୟଜୀବୀ ଓ ବୋଟ ମାଲିକଙ୍କୁ ବୁଝାଇଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବୈଜ୍ଞାନିକ ପ୍ରତ୍ୟୁଷ ମହାପାତ୍ର, ବୈଜ୍ଞାନିକ, ସତ୍ୟରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ନୀଳରକ୍ତ କଙ୍କଡ଼ାକୁ ଟ୍ୟାଗିଂ କରାଯାଇ ତାହାର ଗତିବିଧି ଲକ୍ଷ୍ୟ କରିବା ଓ ଭବିଷ୍ୟତରେ କିପରି ଔଷଧୀୟ କାମରେ ଲାଗିପାରିବ, ସେ ବିଷୟରେ ସଚେତନ କରିଥିଲେ । ଏହି ଶିବିରରେ ସ୍ଥାନୀୟ ମତ୍ସ୍ୟଜୀବୀ, ବୋଟ ମାଲିକ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ବନ ବିଭାଗ କର୍ମଚାରୀ ପରିଚାଳନା କରିଥିଲେ ।





### କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ୱନକ୍ଷତ୍ର ଉତ୍ସବ
# 'ଶିକ୍ଷା ଗ୍ରହଣ ଏକ ଜୀବନ ବ୍ୟାପୀ ପ୍ରକ୍ରିୟା'

କେନ୍ଦ୍ରାପଡ଼ା, ୧୪।୨(ସମିସ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ୬୭ତମ ସ୍ୱନକ୍ଷତ୍ର ଉତ୍ସବ ପାଳିତ ହୋଇଯାଇଛି । ଏ ଅବସରରେ ଚଳିତ ବର୍ଷ ପାଇଁ ବରିଷ୍ଠ କୃଷି ବିଜ୍ଞାନୀ, ମୃତ୍ତିକା ଗବେଷକ ତଥା କଟକ ଜାତୀୟ ଧାନ ଗବେଷଣା କେନ୍ଦ୍ରର ନିର୍ଦ୍ଦେଶକ ଡଃ ଅମରେଶ ନାୟକଙ୍କୁ ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଛି । କଲେଜ ପରିଚାଳନା ସମିତି ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡଃ ସବିତା ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଶିକ୍ଷା ଗ୍ରହଣ ଏକ ଜୀବନ ବ୍ୟାପି ଅବ୍ୟାହତ ପ୍ରକ୍ରିୟା ବୋଲି ମତବ୍ୟକ୍ତ କରିଥିଲେ । କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ଡଃ ବୈଷ୍ଣବ ଚରଣ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଜୀବନରେ ସତ ମାର୍ଗ ଅନୁସରଣ କରିବାକୁ ଆହ୍ୱାନ ଦେଇଥିଲେ । କଲେଜର ବାର୍ଷିକ ବୁଲେଟିନ୍‌କୁ ଉନ୍ମୋଚିତ କରିବା ସହ ଅତିଥିମାନେ ସେବା ନିବୃତ ଅଧ୍ୟାପକ ଡଃ ଉସମାନ ଅଲ୍ଲୀ ଖାନ ଓ ଦିଲ୍ଲୀପ ଭୂୟାଁଙ୍କୁ ସମ୍ମାନିତ କରିଥିଲେ ।

ଏଥିସହ ବିଗତ ପରୀକ୍ଷାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ, ଏମସିସି କ୍ୟାଡେଟ, ଏନଏସଏସ ସ୍ୱେଚ୍ଛାସେବୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧ୍ୟକ୍ଷ ପ୍ରଫେସର ଅଭିଜିତ ବୋଷ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଡଃ ସଂଯୁକ୍ତା ମିଶ୍ର ଅତିଥି ପରିଚୟ ଓ ଅଧ୍ୟାପିକା ସୀମା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ପ୍ରାକ୍ତନ ଅଧ୍ୟକ୍ଷ ନନ୍ଦକିଶୋର ପରିଡା, ଡଃ ସେକ ସମସୁର, ଡଃ ବିନାୟକ ଦାସ, ଅଧ୍ୟାପକ ଦୁର୍ଯ୍ୟୋଧନ ପରିଡା, କୈଳାସ ପ୍ରଧାନ, ଗିରିଶ ପାତ୍ର, ଭଗବାନ ପତ୍ରୀ, ଡଃ ପ୍ରଦୀପ୍ତ ଶେଖର ଦାସ, ଡଃ ତପନ ପତି, ଡଃ କୈଳାସ ଲେଙ୍କା, ବିଦ୍ୟୁମିତ୍ର ବଳ, ଗୋକୁଳି ଦାସ, ଡଃ ଦେବେନ୍ଦ୍ର ଗୋଛାୟତ, ଡଃ ଶ୍ରୀଧର ସାମଲ, ପୂର୍ବତନ ପୌରପାଳ ଧିରେନ ସାହୁ, ଗବେଷକ ଡଃ ବାସୁଦେବ ଦାସ ପ୍ରମୁଖ ଉପସ୍ଥିତ ଥିବାବେଳେ ଡଃ ଦୀପ୍ତି ରାୟ, ଅଧ୍ୟାପକ ଅଶୋକ ଦାସ, ଅଧ୍ୟାପକ ରମାନାଥ ମହାନ୍ତି, ଡଃ ଗୌର ପ୍ରସାଦ ଷଡଙ୍ଗୀ, ଡଃ ପ୍ରମୋଦା ଦାସ, ପ୍ରଫେସର ରଂଜିତ ଦାସ, ଅଧ୍ୟାପକ ସୁବ୍ରତ ପାତ୍ର, ଅଧ୍ୟାପକ ପ୍ରକାଶ ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।



# ପ୍ରଧାନମନ୍ତ୍ରୀଙ୍କ ଘୋଷଣା କାର୍ଯ୍ୟକାରୀ ନ ହେଲେ ଆନ୍ଦୋଳନ

**ଢେଙ୍କାନାଳ,୧୪ ।୨(ସମିସ):** ପ୍ରଧାନମନ୍ତ୍ରୀଙ୍କ ଘୋଷଣା କାର୍ଯ୍ୟକାରୀ ନ ହେଲେ ଆନ୍ଦୋଳନ ପାଇଁ ଚେତାବନୀ ଦେଇଛନ୍ତି ପୂର୍ବତନ ସାଂସଦ ମହେଶ ସାହୁ। ଏନେଇ ସାହୁ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ ପ୍ରଧାନମନ୍ତ୍ରୀଙ୍କ ଘୋଷଣା କାର୍ଯ୍ୟକାରୀ କରାଇବାକୁ ପତ୍ର ମାଧ୍ୟମରେ ସୂଚନା ଦେଇଛନ୍ତି। ଆକାଂକ୍ଷା ଜିଲ୍ଲା ଭାବେ ଢେଙ୍କାନାଳ ଘୋଷଣା ହେଇଥିବା ବେଳେ ଏଠାରେ ଲୋକେ କୌଣସି ମୌଳିକ ସୁବିଧା ପାଇପାରୁନାହାନ୍ତି। ୨୦୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଢେଙ୍କାନାଳରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା କରିଥିଲେ ମଧ୍ୟ ଅଦ୍ୟାବଧି ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଏପରିକି ୭ ମହଲା ବିଶିଷ୍ଟ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିର୍ମାଣ ହୋଇଥିବା ବେଳେ ଏଠାରେ ଡାକ୍ତର ଅଭାବ ସମସ୍ୟା ଲାଗିରହିଛି। ରେଫରାଲ୍ ଡାକ୍ତରଖାନା ଭାବେ ଏହି ଡାକ୍ତରଖାନା ପରିଚିତ ହେଇଆସିଥିବା ବେଳେ ଚିକିତ୍ସା ଅଭାବରୁ ବିଭିନ୍ନ ସମୟରେ ପ୍ରସବ ସମୟରେ ଶିଶୁମୃତ୍ୟୁ ଘଟଣା ଢେଙ୍କାନାଳକୁ ବଦନାମ କରିବାରେ ଲାଗିଛି। ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ମେଡିକାଲ କଲେଜ ପାଇଁ ସମସ୍ତ ଭିତ୍ତିଭୂମି ଥିଲେ ମଧ୍ୟ କାହିଁକି ମେଡିକାଲ କଲେଜ କରାଯାଉନାହିଁ ବୋଲି ସାହୁ ପ୍ରଶ୍ନ କରିଛନ୍ତି। ୨୦୧୭ ମସିହା ଘୋଷଣା ଅନୁଯାୟୀ ଢେଙ୍କାନାଳରେ ମେଡିକାଲ କଲେଜ ପ୍ରତିଷ୍ଠା ସମ୍ପର୍କରେ ରାଜ୍ୟ ଓ କେନ୍ଦ୍ର ସରକାର ପଦକ୍ଷେପ ନ ନେଲେ ଫେବୃଆରୀ ୨୫ ପରେ ଯେକୌଣସି ଦିନ ଓ ଯେକୌଣସି ସମୟରେ ଧାରଣା ଓ ଅର୍ଥନୈତିକ ଅବରୋଧ କାର୍ଯ୍ୟକ୍ରମ ଜାରି ରହିବ ବୋଲି ସାହୁ ଚେତାବନୀ ଦେଇଛନ୍ତି।

● ଜଳିଗଲା ୩ ବଖରା ଘର

# ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ

**କାମାକ୍ଷାନଗର,୧୪ ।୨(ସମିସ):** ତୁମୁସିଙ୍ଗା ଥାନା ତୁମୁସିଙ୍ଗା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ୩ବଖରା ଘର ଜଳିଯାଇଛି। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ସମେତ ଧାନ, ଚାଉଳ ପୋଡ଼ି ପାଉଁଶ ହୋଇଛି। ଗ୍ରାମର ଶିବାଜୀ ନାୟକଙ୍କ ଘରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ ଆଖି ପିଛୁଳାକେ ବ୍ୟାପିଯାଇ ତିନି ବଖରା ଘର ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଥିଲା। କାମାକ୍ଷାନଗର ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

## ମହିମାଗାଦିରେ ମୁଖ୍ୟମନ୍ତ୍ରୀ

# 'ମହିମା ଧର୍ମ ସର୍ବଧର୍ମ ସମନ୍ୱୟର ପ୍ରତୀକ'




**ଢେଙ୍କାନାଳ/ଯୋରନ୍ଦା,୧୪ ।୨(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଶୁକ୍ରବାର ମହିମାଧର୍ମର ଆଦିପୀଠ ଢେଙ୍କାନାଳ ଜିଲ୍ଲା ଯୋରନ୍ଦାସ୍ଥିତ ମହିମାଗାଦିରେ ପହଞ୍ଚି ଯୋରନ୍ଦା ମେଳା ପରିଦର୍ଶନ କରିବା ସହ ସାଧୁସନ୍ଥଙ୍କ ସହିତ ଆଲୋଚନା କରିଛନ୍ତି। ମହିମା ଧର୍ମ ବିଶ୍ୱଶାନ୍ତି ଏବଂ ସର୍ବଧର୍ମର ସମନ୍ୱୟର ପ୍ରତୀକ ବୋଲି ଏହି ଅବସରରେ ସେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମାଝି ହେଲିକପ୍ଟର ଯୋଗେ ଆସି ଶୁକ୍ରବାର ସନ୍ଧ୍ୟାରେ ମହିମାଗାଦିରେ ପହଞ୍ଚିଥିଲେ। ସାଧୁସନ୍ଥମାନେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀ ସାଧୁସନ୍ନ୍ୟାସୀମାନଙ୍କ ସହ ବିଭିନ୍ନ ବିଷୟରେ ଆଲୋଚନା କରିବା ସହିତ ଆଶୀର୍ବାଦ ନେଇଥିଲେ। ଏହି ଅବସରରେ ସେ କହିଲେ, ମହିମା ଗୋସାଇଁଙ୍କ ପୀଠ ଦର୍ଶନ କରିବା ମୋର ସୌଭାଗ୍ୟ। ଧୂନୀ ମନ୍ଦିର, ଗାଦି ମନ୍ଦିର, ଭଜନ ମଣ୍ଡପ, ଶୂନ୍ୟ ମନ୍ଦିର, ଉପାସନା ପୀଠ, ସାନ ମଠ, ବଡ଼ ମଠ, ଜ୍ୟୋତି ମନ୍ଦିର ପରିଦର୍ଶନ କରି ଗର୍ବ ଅନୁଭବ କରୁଛି। ମହିମା ଧର୍ମ ଶାନ୍ତିପୂର୍ଣ୍ଣ ସହାବସ୍ଥାନ, ଭାଇଚାରାର ପ୍ରତୀକ। ଏହି ଅବସରରେ ସେ ସନ୍ଥକବି ଭୀମଭୋଇଙ୍କ ମହାନ ବାଣୀ 'ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କିବା ସହୁ, ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ'ର ଉଦାହରଣ ଦେଇଥିଲେ। ମହିମା ଧର୍ମରେ ଦିନକୁ ଦିନ ବିଶ୍ୱବାସୀ ଅନୁପ୍ରାଣିତ ହେଉଛନ୍ତି। ସମାଜରେ ଶାନ୍ତିରକ୍ଷା ପାଇଁ ଏହି ଧର୍ମର ବଡ଼ ଅବଦାନ ରହିଛି। ସାରା ବିଶ୍ୱରେ ମହିମା ଧର୍ମ ପ୍ରସାରିତ ହେଉଛି। ମହିମା ଧର୍ମର ବିକାଶ ପାଇଁ ସମସ୍ତ ସହଯୋଗ କରାଯିବ। ଯେତେଶୀଘ୍ର ଜିଲ୍ଲାପାଳ ଡିପିଆର ପ୍ରସ୍ତୁତ କରି ଉପସ୍ଥାପନ କରିବେ ସେତେ ଶୀଘ୍ର କାର୍ଯ୍ୟ ଆରମ୍ଭ ହେବ। ଧର୍ମପୀଠରେ ରାଜନୀତି କରିବା ଅନୁଚିତ ବୋଲି ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଯୋରନ୍ଦା ଅଞ୍ଚଳକୁ ବ୍ଲକ ମାନ୍ୟତା, ଏନଏସି ଘୋଷଣା, ଫାଣ୍ଡିକୁ ଥାନାରେ ପରିଣତ କରିବାକୁ ସେ ପ୍ରତିଶ୍ରୁତି ଦେଇଥିଲେ। ଚିକିତ୍ସାଳୟର ଉନ୍ନତୀକରଣ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହ ତାଙ୍କ ସହଧର୍ମିଣୀ, ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସପି ଅଭିନବ ସୋନକର, କୌପିନଧାରୀ ମହିମା ସମାଜର ରଘୁନାଥ ବାବା, ସୁଶାନ୍ତ ବାବା, ଅବିନାଶ ବାବା, ବଲ୍କଲଧାରୀ ମହିମା ସମାଜର ନିତ୍ୟାନନ୍ଦ ବାବା, ଅନାମ ବାବା ପ୍ରମୁଖ ଉପସ୍ଥିତ ଥିଲେ।



# ଭୁବନ ଏନ୍‌ଏସି ତରଫରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ




**ଭୁବନ,୧୪ ।୨(ସମିସ):** ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ତରଫରୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୁବନର ଆରାଧ୍ୟ ଦେବତା ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ବେଜଙ୍କ ଆବାହକତ୍ୱ ଓ ନଗରପାଳ ଶୁଭେନ୍ଦୁ କୁମାର ସାହୁଙ୍କ ନେତୃତ୍ୱରେ ସାମୂହିକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସ୍ୱଚ୍ଛ ଭୁବନ, ସୁସ୍ଥ ଭୁବନ, ସୁନ୍ଦର ଭୁବନ ଗଢ଼ିତୋଳିବା ଏକମାତ୍ର ଲକ୍ଷ୍ୟ ବୋଲି ନଗରପାଳ ସାହୁ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଗିରିଧାରୀ ସାହୁ, ପପୁ କୁମାର ସାହୁ, ମନମୋହନ ସାହୁ, କନିଷ୍ଠ ଯନ୍ତ୍ରୀ ସୁରେନ୍ଦ୍ରନାଥ ସାହୁ, କନିଷ୍ଠ କିରାଣି ପ୍ରାଣକୃଷ୍ଣ ଓଝା, ହିସାବ ରକ୍ଷକ ବିଶ୍ୱାସ ମହାନ୍ତି, ଏମଆଇଏସ ସଚିନ ମହାନ୍ତି, ଜେଏସଇ ଜ୍ୟୋତିରଞ୍ଜନ ବେହେରା, ଟାସ୍କ କଲେକ୍ଟର ସନ୍ତୋଷ କୁମାର ମିଶ୍ର, ରବୀନ୍ଦ୍ର ବେହେରା ଓ ସମସ୍ତ କର୍ମଚାରୀ ସମେତ ସ୍ୱଚ୍ଛସାଥୀମାନେ ଉପସ୍ଥିତ ରହି ସଫେଇ କରିଥିଲେ।

# ସହିଦଙ୍କ ପାଇଁ ଦିନଟିଏ

**ଅନୁଗୋଳ,୧୪ ।୨(ସମିସ):** ଅନୁଗୋଳ ବ୍ଲକ ଶାବଳଭଙ୍ଗା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ଗାଁର ଯୁବଗୋଷ୍ଠୀ, ସ୍କୁଲ ଛାତ୍ର ଏବଂ ସ୍ୱେଚ୍ଛାସେବୀଙ୍କ ତତ୍ତ୍ୱାବଧାନରେ ଏକ ବିରାଟ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଗ୍ରାମର ବାବା ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ପହଞ୍ଚି ପୁଲୱାମାରେ ସହିଦ ହୋଇଥିବା ବୀର ଯବାନଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ସମସ୍ତେ ଗୋଟିଏ ଗୋଟିଏ ମହମବତି ପ୍ରଜ୍ୱଳନ କରି ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ଶାବଳଭଙ୍ଗା ଗ୍ରାମ ଚାରିବାଟି ସାହିରୁ ଶୋଭାଯାତ୍ରା ଆରମ୍ଭ ହୋଇ କୁମୁରିସିଂହା ଛକ ପର୍ଯ୍ୟନ୍ତ ଯାଇ ମନ୍ଦିର ନିକଟକୁ ଫେରିଥିଲା। ଏଥିରେ ଛୋଟରୁ ବଡ଼ ପର୍ଯ୍ୟନ୍ତ ୧୦୦ରୁ ଊର୍ଦ୍ଧ୍ୱ ଦେଶପ୍ରେମୀ ସାମିଲ ହୋଇଥିଲେ। ଶାବଳଭଙ୍ଗା ଗ୍ରାମର ଗାଗା ଦେହୁରୀ, ସୌମ୍ୟରଞ୍ଜନ ସାହୁ, ଗୋପାଳ ବେହେରା ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।



# ତାଳଚେର ମେଡିକାଲ କଲେଜ ଖୋଲିବା ଚୂଡ଼ାନ୍ତ ପର୍ଯ୍ୟାୟରେ

**ଅନୁଗୋଳ,୧୪ ।୨(ସମିସ):** ଦୀର୍ଘଦିନ ପ୍ରତୀକ୍ଷାର ଅନ୍ତ ଘଟିବାକୁ ଯାଉଛି। ତାଳଚେର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ କନ୍ଧମାଳ ମେଡିକାଲ କଲେଜ ଖୋଲିବା ନେଇ ପ୍ରକ୍ରିୟା ଦ୍ରୁତ ଗତିରେ ଚାଲିଛି। ଗୁରୁବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ କମିଶନର ଅଶ୍ୱଥି ଏସ ଆଭାସୀ ମାଧ୍ୟମରେ ଏହି ଦୁଇ ମେଡିକାଲ କଲେଜ ଖୋଲିବା ନେଇ ଆଲୋଚନା କରିଥିଲେ। ତାଳଚେର ମେଡିକାଲ କଲେଜର ପ୍ରଶିକ୍ଷଣ କୋଠା, ସମସ୍ତ ଆସବାବପତ୍ର ପ୍ରସ୍ତୁତ ରହିଛି। ଗତ ଜାନୁଆରୀ ୧୭ରେ ସରକାର ୪୦ ଜଣ ଆସିଷ୍ଟାଣ୍ଟ ପ୍ରଫେସରଙ୍କ ନିଯୁକ୍ତିକୁ ଚୂଡ଼ାନ୍ତ କରିଛନ୍ତି। କଲେଜ ପାଇଁ ଡିନ୍ ଏବଂ ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତି ମଧ୍ୟ ସରିଛି। ଅଧିକାଂଶ ଡାକ୍ତର କାର୍ଯ୍ୟରେ ଯୋଗଦେଲେଣି। ଏବେ ଜାତୀୟ ମେଡିକାଲ କମିଶନର ଅନୁମତି ପାଇଁ ଆବଶ୍ୟକ ଦସ୍ତାବିଜ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଦସ୍ତାବିଜ ଯୋଗାଡ଼ କରାଯାଉଛି। ଖୁବଶୀଘ୍ର ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୧୦୦ ସିଟରେ ଏମବିବିଏସ ପିଲା ନାମ ଲେଖାଇବାର ସୁଯୋଗ ପାଇବେ ଏବଂ ଅନୁଗୋଳବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହେବ ବୋଲି ଜଣାପଡ଼ିଛି।

# ବିଶ୍ୱ ରେଡିଓ ଦିବସ ପାଳିତ

**ଢେଙ୍କାନାଳ,୧୪ ।୨(ସମିସ):** ସ୍ଥାନୀୟ ଗଣେଶ ବଜାରସ୍ଥିତ ମିଶନ ରିକନଷ୍ଟ୍ରକସନ୍‌ର ବେସିକ ଇନଫର୍ମେସନ ଓ ମିଡିଆ ସର୍ଭିସ ସେଣ୍ଟର, ରେଡିଓ ରିଲେ ସେଣ୍ଟର ତରଫରୁ ବିଶ୍ୱ ରେଡିଓ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଢେଙ୍କାନାଳ ଆଇନ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଓ ଓଡ଼ିଶା ହାଇକୋର୍ଟ ଅଧିନ ରାଜ୍ୟ ସଂଗ୍ରହାଳୟର ପରାମର୍ଶଦାତା ବିଜୟ ଚନ୍ଦ୍ର ମହାପାତ୍ର ଯୋଗଦେଇ କହିଲେ, ସ୍ୱାଧୀନତା ପୂର୍ବରୁ ଓ ପରେ ରେଡିଓର ଭୂମିକାକୁ ପ୍ରଶଂସା କରି ରହିହେବନି। ରେଡିଓ ମାଧ୍ୟମରେ ଲୋକେ ସ୍ୱାଧୀନତା ଆନ୍ଦୋଳନ ବିଷୟରେ ସୂଚନା ପାଉଥିଲେ। ସୂଚନା ସହ ମନୋରଞ୍ଜନ ପାଇଥାନ୍ତି। ସବୁବର୍ଗର ଲୋକଙ୍କୁ ରେଡିଓ ସେବା ପ୍ରଦାନ କରିଆସୁଛି ବୋଲି ସେ କହିଥିଲେ। ପୂର୍ବତନ ଜିଲ୍ଲା ପଞ୍ଚାୟତ ଅଧିକାରୀ ନିରଞ୍ଜନ ମିଶ୍ର ଓ ଜିଲ୍ଲା ରେଡକ୍ରସ୍ ଉପସଭାପତି ବିରଞ୍ଚି ନାରାୟଣ ପାଣି ଯୋଗଦେଇ କହିଲେ, ରେଡିଓ କୋଟି କୋଟି ଲୋକଙ୍କ ହୃଦୟ ଓ ମନକୁ ଛୁଇଁଛି। ବର୍ତ୍ତମାନ ଇଣ୍ଟରନେଟ୍ ରେଡିଓର ଚାହିଦା ବଢ଼ି ଚାଲିଛି। ସବୁ ଲୋକ ରେଡିଓ ଶୁଣିବା ଦରକାର। ପ୍ରଧାନମନ୍ତ୍ରୀଙ୍କ ମନ କି ବାତ ରେଡିଓର ଭୂମିକା ଓ ଚାହିଦାକୁ ବଢ଼ାଇଛି। ବହୁତ ଲୋକ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମରେ ସାମିଲ ହୋଇପାରୁଛନ୍ତି ଓ ଉତ୍ସାହିତ ହେଉଛନ୍ତି। ରେଡିଓରେ ପ୍ରସାରିତ ଗୀତ, ନାଚ, ସମାଚାର, ମନୋରଞ୍ଜନ ଆଦି କାର୍ଯ୍ୟକ୍ରମ ପିଲା, ବୟସ୍କ, ମହିଳା, ଯୁବକ ତଥା ସମସ୍ତଙ୍କୁ ଆକର୍ଷିତ କରୁଛି ବୋଲି କହିଥିଲେ। ଭାରତୀୟ ଜନସଞ୍ଚାର ସଂସ୍ଥାନର ଛତ୍ରଛାତ୍ରୀ ସୁଜଳ ଶର୍ମା, ମନୋଜ ସିଂ ନେଗୀ, ସ୍ନେହା, ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ସୁମିତ୍ରା ବେହେରା ରେଡିଓ କାର୍ଯ୍ୟକ୍ରମର ବିଭିନ୍ନ ଦିଗ ଓ ଗୁରୁତ୍ୱ ବିଷୟରେ ଉପସ୍ଥାପନ କରିଥିଲେ। ଏହି ଅବସରରେ ମିଶନ ରିକନଷ୍ଟ୍ରକସନ୍‌ର ସାଧାରଣ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ପରାମର୍ଶଦାତା ବିରଞ୍ଚି ନାରାୟଣ ସେଠ ରେଡିଓ ରିଲେ ସେଣ୍ଟରର କାର୍ଯ୍ୟକ୍ରମ ବିଷୟରେ ଉପସ୍ଥାପନ କରିଥିଲେ।



# ଅଷ୍ଟପ୍ରହର ନାମଯଜ୍ଞ ପାଇଁ କଳସ ଯାତ୍ରା



**ଢେଙ୍କାନାଳ,୧୪ ।୨(ସମିସ):** ସ୍ଥାନୀୟ ରାମେଶ୍ୱରପୁରରେ ଅଷ୍ଟପ୍ରହରୀ ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଅନୁଷ୍ଠିତ ହୋଇଛି। ସିମିଳିଆ ଶିବ ମନ୍ଦିର ପୋଖରୀ କୂଳରେ ପୂଜାର୍ଚ୍ଚନା ପରେ ଶ୍ରଦ୍ଧାଳୁମାନେ ପବିତ୍ର ଜଳ ସଂଗ୍ରହ କରି ୪୦ରୁ ଊର୍ଦ୍ଧ୍ୱ ସଂକୀର୍ତ୍ତନ ମଣ୍ଡଳୀ ଗହଣରେ ସହର ପରିକ୍ରମା କରି କଳସ କୁଞ୍ଜରେ ସ୍ଥାପନ କରିବା ପରେ ଅଧିବାସ ପୂଜା ଆରମ୍ଭ ହୋଇଥିଲା। କୁଞ୍ଜରେ ଠାକୁରଙ୍କୁ ୧ କ୍ୱିଣ୍ଟାଲ୍ ରୁପାରେ ସଜ୍ଜିତ କରାଯାଇଛି। ରୁପା ମକୁଟ, ରୁପା ମୟୂର, ରୁପା ଛତା, ରୁପା ପୋଷାକ ଓ ବିଭିନ୍ନ ରୁପା ସାମଗ୍ରୀ ସହ ଭୋଗ ଲାଗି କରାଯାଇଛି। ଶନିବାର ନାମ ସଂକୀର୍ତ୍ତନ କରାଯାଇ ପ୍ରସାଦ ସେବନ କରାଯିବ। ୧୬ ତାରିଖ ବୈଠକ କୀର୍ତ୍ତନ ଓ ନଗର କୀର୍ତ୍ତନ ସହ ଦହିହାଣ୍ଡି ଭଙ୍ଗାଯିବ ବୋଲି ପୂଜା କମିଟି ତରଫରୁ କୁହାଯାଇଛି। ପୂଜକ ଜଗନ୍ନାଥ ତ୍ରିପାଠୀ ସମସ୍ତ ନୀତିକାନ୍ତି କରୁଛନ୍ତି। ସଭାପତି ବିଭାସ ଚନ୍ଦ୍ର ପୁହାଣ ଓ ସନ୍ତୋଷ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହେଉଛି। କର୍ମକର୍ତ୍ତା ଜଗନ ସାହୁ, ସୁବ୍ରତ ବେହେରା, ଟୁଟୁ ସାହୁ, ବିଶ୍ୱଜିତ ବେହେରା, ବୀରବର ରାଉତ, ସୁବ୍ରତ ମହାଖୁଡ଼, ଦିପୁ, ଲିପୁ, ସରୋଜ ପ୍ରମୁଖଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି।

# ୧୬ରୁ ଚାମ୍ବର ଅଫ୍ କମର୍ସର ସୁବର୍ଣ୍ଣ ଜୟନ୍ତୀ ସମାରୋହ

**ଢେଙ୍କାନାଳ,୧୪ ।୨(ସମିସ)**

ଢେଙ୍କାନାଳ ମିନି ଷ୍ଟାଡିୟମରେ ଜିଲ୍ଲା ଚାମ୍ବର ଅଫ କମର୍ସର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ ହେବାକୁ ଯାଉଛି। ଏ ନେଇ ଢେଙ୍କାନାଳ ଚାମ୍ବର ଅଫ କମର୍ସ ଏବଂ ଶିଳ୍ପ ପ୍ରତିଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ପାଳନ କମିଟି କାର୍ଯ୍ୟକାରୀ ସଭାପତି ବିନୋଦ ଅଗ୍ରୱାଲଙ୍କ ସଭାପତିତ୍ୱରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲ୍ଲା ବାଣିଜ୍ୟ ପ୍ରତିଷ୍ଠାନ ସର୍ବଦା ବ୍ୟବସାୟୀଙ୍କ ନ୍ୟାୟ ପାଇଁ ଲଢ଼େଇ କରି ଆସିଛି। ପର୍ବପର୍ବାଣୀରେ ଜିଏସଟି ଚଢ଼ଉକୁ ଦୃଢ଼ ବିରୋଧ କରାଯାଇଛି ବୋଲି ସେ କହିଥିଲେ। ଆସନ୍ତା ୧୬ ଓ ୧୭ ତାରିଖ ୨ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟର କୋଣ ଅନୁକୋଣରୁ ସଭ୍ୟମାନେ ଯୋଗଦେବା କାର୍ଯ୍ୟକ୍ରମ ରହିଛି।



କାର୍ଯ୍ୟକ୍ରମରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସାଂସଦ ରୁଦ୍ରନାରାୟଣ ପାଣି, ସିଏଆଇଟିର ଚେୟାରମ୍ୟାନ ବ୍ରିଜମୋହନ ଅଗ୍ରୱାଲ, ଓଡ଼ିଶା ବାଣିଜ୍ୟ ମହାସଙ୍ଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା, ଜିଏସଟି ବିଭାଗର ଅତିରିକ୍ତ କମିଶନର ପ୍ରତିରଞ୍ଜନ ନାଥ, ଢେଙ୍କାନାଳ ଚାମ୍ବର ଅଫ କମର୍ସର ଚେୟାରମ୍ୟାନ ସନ୍ତୋଷ ରଥ ପ୍ରଥମ ଦିନରେ ଯୋଗାଦେବେ। ଦ୍ୱିତୀୟ ଦିନ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସପି ଅଭିନବ ସୋନକର, ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, ମିଳିତ ପୂଜା ପ୍ରତିଷ୍ଠାନ ସଭାପତି ରାମଚନ୍ଦ୍ର ପାତ୍ର, ବାର୍ ଆସୋସିଏସନ ସଭାପତି ସଞ୍ଜୟ କୁମାର ମିଶ୍ର, ଢେଙ୍କାନାଳ ଚାମ୍ବର ଅଫ କମର୍ସର ଉପଦେଷ୍ଟା ଶରତ ଚନ୍ଦ୍ର ପାଢ଼ୀଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବା କାର୍ଯ୍ୟକ୍ରମ ରହିଛି। ଚାମ୍ବର ଅଫ କମର୍ସର ୫୦ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠାନର ୫୦ ଜଣ ବରିଷ୍ଠ ବ୍ୟକ୍ତି, ପରିବାରକୁ ସେମାନଙ୍କ ଅବଦାନ ପାଇଁ ସମ୍ମାନିତ କରାଯିବ। ୨ଦିନ ଧରି ସୁନାମଧନ୍ୟ ଗାୟିକା ଓ ଗାୟକଙ୍କ ଦ୍ୱାରା ପୁରୁଣା ଗୀତକୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ମିନି ଷ୍ଟାଡିୟମରେ ସନ୍ଧ୍ୟା ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ବୋଲି ସେ ସୂଚନା ଦେଇଥିଲେ। ସାମ୍ବାଦିକ ସମ୍ମିଳନୀରେ ସମ୍ପାଦକ ରାଜକିଶୋର ହିନ୍ଦୋଚା, ରାଜକିଶୋର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଉପସଭାପତି ଶିବପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

● ଶିବାନନ୍ଦ ପଦ୍ମଚରଣ ସ୍ମାରକୀ ଫୁଟ୍‌ବଲ

# ଫାଇନାଲରେ ସାଉଥ୍ ବଲଣ୍ଡା ଦଳ



**ଅନୁଗୋଳ,୧୪ ।୨(ସମିସ):** ସ୍ଥାନୀୟ ଶିବା ପଡ଼ିଆରେ ଆୟୋଜିତ ଶିବାନନ୍ଦ ପଦ୍ମଚରଣ ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଛି। ସାଉଥ ବଲଣ୍ଡା ଦଳ ବଳରାମପ୍ରସାଦ ଏକାଦଶକୁ ୨-୦ ଗୋଲରେ ପରାସ୍ତ କରି ଫାଇନାଲରେ ପହଞ୍ଚିଛି। ମନୋରଞ୍ଜନ ପଟ୍ଟନାୟକ ଖେଳ ପରିଚାଳନା କରିଥିଲେ। ପ୍ରଶାନ୍ତ ସିହ୍ନା, ବୁଲୁ ରାଉତରାୟ, ଅନିଲ ପଟ୍ଟନାୟକ ପ୍ରମୁଖ ତାଙ୍କୁ ସହାୟତା କରିଥିଲେ।

# ● ରାଇସ୍ ମିଲ୍ ଉପରେ ଚଢ଼ଉ

## ‘ବାଂଲାଦେଶ ସରକାର’ ଲେଖା ଥିବା ଚାଉଳ ବସ୍ତା ଜବତ



ଜଗତ୍‌ସିଂହପୁର/ବାଲିକୁଦା,୧୪।୨:(ସମିସ): ବେଆଇନ ଭାବେ ଧାନ ଓ ଚାଉଳ ଷ୍ଟକ୍ ରଖିଥିବା ଅଭିଯୋଗରେ ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ୍ ଅନ୍ତର୍ଗତ ଡେଙ୍ଗାପୋଲଠାରେଥିବା ସାଲାସର ରାଇସ୍ ମିଲ୍ ଉପରେ ଯୋଗାଣ ବିଭାଗ ତରଫରୁ ଚଢ଼ଉ କରାଯାଇଛି। ଗତ ଗୁରୁବାର ଦିନ ଚଢ଼ଉ ବେଳେ ମିଲ୍ ଗେଟ୍ ବାହାରେ ଧାନ ବୋଝେଇ କରି ରହିଥିବା ୩ଟି ଟ୍ରାକ୍ଟରକୁ ଜବତ କରି ବାଲିକୁଦା ଥାନା ପୁଲିସ ଜିମା ଦିଆଯାଇଥିଲା। ଶୁକ୍ରବାର ଦିନ ବାଲିକୁଦା ତହସିଲଦାର ଦାୟିତ୍ୱରେ ଥିବା ନାଉଗାଁ ତହସିଲଦାର ଅକ୍ଷୟ କୁମାର ବଡୁଙ୍କ ଉପସ୍ଥିତିରେ ଏସିଏସ୍‌ଓ କିଶୋର ମହରଣା, ମଧୁସ୍ମିତା ମହାପାତ୍ର, ସୁଜାତା କମଳିନୀ ମଲି ଏବଂ ୩ ଜଣ ଏମ୍‌ଆଇ ଉକ୍ତ ରାଇସ୍ ମିଲ୍‌ରେ ବେଆଇନ ଭାବେ ଗଚ୍ଛିତ ଥିବା ଚାଉଳ ଯାଞ୍ଚ କରିଥିଲେ। ତେବେ ପ୍ରଥମ ଦିନ ପରି ୨ୟ ଦିନ ମଧ ଚଢ଼ଉ ସମୟରେ ମିଲ୍‌ର ପରିଚାଳକ ଓ କର୍ମଚାରୀ ଯୋଗାଣ ବିଭାଗ ଅଧିକାରୀଙ୍କୁ ସହଯୋଗ କରିନଥିବା ଜିଲ୍ଲା ଯୋଗାଣ ଅଧିକାରୀ ସୁଜାତା ମିଶ୍ର ସୂଚନା ଦେଇଛନ୍ତି। ତେବେ ପୁଲିସ ଉପସ୍ଥିତିରେ ଯାଞ୍ଚ କରାଯାଇଥିବା ବେଳେ ଗୋଟିଏ ଟ୍ରକ୍ ଚାଉଳ ଜବତ କରାଯାଇଛି। ଶନିବାର ଦିନ ମଧ ପୁଣି ଯାଞ୍ଚ କରାଯିବ ବୋଲି ଯୋଗାଣ ବିଭାଗ ତରଫରୁ ସୂଚନା ଦିଆଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜବତ ଚାଉଳ ଅଖା ଉପରେ ଇଂରାଜୀ ଭାଷାରେ ଗଭର୍ଣ୍ଣମେଣ୍ଟ ଅଫ୍ ଦି ପିପୁଲ୍ସ ରିପବ୍ଲିକ୍ ଅଫ୍ ବାଙ୍ଗଲାଦେଶ ଲେଖା ହୋଇଥିବାରୁ ଏଥିରେ ବାଙ୍ଗଲାଦେଶ ଲିଙ୍କ୍ ଥିବା ସନ୍ଦେହ ବଢ଼ିଛି। ଏ ସଂପର୍କରେ ଉପ-ଜିଲ୍ଲାପାଳ ପ୍ରଶାନ୍ତ ତରାଇଙ୍କୁ ପଚାରିବାରୁ ସଂପୂର୍ଣ୍ଣ ଯାଞ୍ଚ ସରିବା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି କହିଛନ୍ତି।

## ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା ପକାଇଲେ ଅଭିଭାବକ

ତିର୍ତ୍ତୋଲ,୧୪।୨(ସମିସ): ବାରମ୍ବାର ଶିକ୍ଷକ ନିଯୁକ୍ତି ଦାବି ସତ୍ତ୍ୱେ ଶିକ୍ଷକ ନିଯୁକ୍ତି କରା ନ ଯିବାରୁ ପ୍ରତିବାଦରେ ଅଭିଭାବକ ଓ ଗ୍ରାମବାସୀ ତିର୍ତ୍ତୋଲ ଶିକ୍ଷା ମଣ୍ଡଳ ଅଧୀନ ଦାଇଁଲୋ ଗ୍ରାମ ସ୍ଥିତ ବୈଦେଶ୍ୱର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜି ତାଲା ପକାଇ ଦେବା ସହ ଧାରଣାରେ ବସିଥିଲେ। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ ଅଛନ୍ତି। ଦୀର୍ଘ ୩ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଶିକ୍ଷକ ଅଭାବ ଯୋଗୁଁ ଛାତ୍ରଛାତ୍ରୀ ପାଠପଢାରେ ନାହିଁ ନଥିବା ଅସୁବିଧା ଭୋଗ କରୁଛନ୍ତି। ଯାହାକୁ ନେଇ ମଣ୍ଡଳ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ବି କୌଣସି ସୁଫଳ ମିଳିପାରିନାହିଁ। ଫଳରେ ଆଜି ଅଭିଭାବକ ଓ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଫାଟକରେ ତାଲା ପକାଇବା ସହିତ ଗେଟ ସମ୍ମୁଖରେ ବସି ରହିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ଅନିତା ବାରିକ ସାମିଲ ହୋଇଥିଲେ। ବିଦ୍ୟାଳୟକୁ ନୂତନ ଶିକ୍ଷକ ନ ମିଳିବା ପର୍ଯ୍ୟନ୍ତ ଫାଟକରେ ତାଲା ପଡିରହିବ ବୋଲି ଅଭଭାବକ ମାନେ କହିଛନ୍ତି।

## ମାଙ୍କଡ଼ ଆକ୍ରମଣରେ ୩ ଆହତ

କେନ୍ଦ୍ରାପଡା,୧୪।୨(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଧନିଆଁପଡା ଗ୍ରାମରେ କୌଣସି କାରଣରୁ ୮ ଦିନ ମଧ୍ୟରେ ଦୁଇଟି ମାଙ୍କଡ଼ ମୃତ୍ୟୁବରଣ କରିଥିଲେ। ଯାହାକୁ ନେଇ ଏବେ ଧନିଆଁପଡା ଅଞ୍ଚଳରେ ଶହ ଶହ ମାଙ୍କଡ଼ ବୁଲୁଥିବାର ଦେଖିବାକୁ ମିଳିଛି। ଧନିଆପଡା ଗ୍ରାମରେ ଏବେ ତାଟିକବାଟ ପଡିଛି ଏବଂ ସ୍କୁଲରେ କବାଟ ଦେଇ ପାଠ ପଢା ଯାଉଛି। ଗତକାଲି ଧନିଆଁପଡା ଗ୍ରାମର ସରିତା ସେଠୀଙ୍କ ଡାହାଣ ଗୋଡ ଗୋଇଠିକୁ କାମୁଡି ଦେଇଥିଲା ମାଙ୍କଡ଼। ସରିତାଙ୍କର ୯ଟି ଷ୍ଟିଚ୍ ପଡିଛି। ପୁଣି ଆଜି ଦୁଇଜଣ ମହିଳା ଏବଂ ଜଣେ ପୁରୁଷଙ୍କୁ ଆକ୍ରମଣ କରିଛନ୍ତି ମାଙ୍କଡ଼। ଗ୍ରାମର କାଳନ୍ଦି ଦାସ ନିଜ ବାଡ଼ି ନଳକୂପରେ ଗାଧୋଇ ଘରକୁ ଫେରୁଥିବା ବେଳେ ଡାହାଣ ଗୋଡ଼ ଭଣ୍ଡାକୁ କାମୁଡି ଛିନ୍‌ଭିନ କରିଦେଇଛି ମାଙ୍କଡ଼। ସେହିପରି ବାସନ୍ତି ବେହେରା ରୋଷେଇ କରୁଥିବା ସମୟରେ ମାଙ୍କଡ ବାସନ୍ତିଙ୍କ ଡାହାଣ ହାତକୁ ଜାବୁଡି ଧରି କାମୁଡି ପକାଇ ଥିଲା। ସେହିପରି ମଞ୍ଜୁ ଦାସଙ୍କୁ ମଧ ମାଙ୍କଡ଼ ଆକ୍ରମଣ କରିଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଠିକ୍ ଭାବରେ ଚିକିତ୍ସା ମିଳିପାରୁ ନାହିଁ ବୋଲି ମାଙ୍କଡ଼ ଆକ୍ରମଣର ଶିକାର ହୋଇଥିବା କାଳନ୍ଦି ଦାସଙ୍କ ନାତି ଅମିତ କୁମାର ଦାସ କହିଛନ୍ତି।

## କନିଷ୍ଠ ଶିକ୍ଷକଙ୍କୁ ତାଲିମ ପ୍ରଦାନ

କେନ୍ଦ୍ରାପଡା,୧୪।୨(ସମିସ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲନଗର ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାର ନବ ନିଯୁକ୍ତ କନିଷ୍ଠ ଶିକ୍ଷକମାନଙ୍କୁ ତାଲିମ ଦେବା ନିମନ୍ତେ ୫୦ଜଣ ବରିଷ୍ଠ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ୫ ଦିନ ବ୍ୟାପି ପ୍ରେରଣା ତାଲିମ ପ୍ରଦାନ କରାଯାଇଛି। ଆଜି ଅନ୍ତିମ ଦିବସରେ ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିଶିଥ ବାରିକ, ପେଡାଗୋଜି କୋଅର୍ଡିନେଟର କିରଣତୃଷ୍ଣା ସାହୁ, ଆର୍ଥିକ ପରାମର୍ଶଦାତା ସୂର୍ଯ୍ୟନାରାୟଣ ମିଶ୍ର, ଶିବିର ପରିଚାଳକ ଜୟୀରାମ ସେଠୀ, ଶିବିରାର୍ଥୀଙ୍କୁ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଏହି ପ୍ରେରଣା ତାଲିମର ପ୍ରଶିକ୍ଷକ ଭାବେ ଅନନ୍ତ କିଶୋର ପରିଡା, ଏମଡି ଅସଗର ଅଲ୍ଲୀ, ଦୀପ୍ତିରଞ୍ଜନ ଜେନା, ପ୍ରମୋଦ କୁମାର ଜେନା ଯୋଗ ଦେଇଥିଲେ। ଏଥିରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭାଂଶୁ କୁମାର ଦାସ, ଅଜୟ କୁମାର ସ୍ୱାଇଁ, ସମୀର କୁମାର ନାୟକ, ଗଙ୍ଗାଧର ଦଳାଇ, ଶଶିଭୂଷଣ ଦାଶ, ଉତ୍କଳ ଭାରତୀ, ଗୀତାଞ୍ଜଳୀ ମହାନ୍ତି, ରଞ୍ଜନା ଦାସ, ଶୁଭମୁଦ୍ରା ପରିଡା, ଶୁଶାନ୍ତ କୁମାର ଦାସ, ଅଶୋକ କୁମାର ମହାରାଜ, ସବ୍ୟସାଚି ଦାସ, ଚିତ୍ତରଞ୍ଜନ ସାହୁ, ହରେକୃଷ୍ଣ କର, ଭୁଲକ ସିଂହ ପ୍ରଭୃତି ଯୋଗଦାନ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଗୁଲନଗର ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ।

### କେନ୍ଦ୍ରାପଡ଼ା ଜିଲ୍ଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ

# ଏସ୍‌ପିଙ୍କୁ ଦାବିପତ୍ର ଦେଲା ସିପିଏମ୍

କେନ୍ଦ୍ରାପଡ଼ା,୧୪।୨(ସମିସ):



ରାଜ୍ୟରେ ସରକାର ବଦଳିଲା ପରେ ଓ ଡବଲ ଇଞ୍ଜିନ୍ ସରକାର ଆସିବା ପରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି କ୍ରମାଗତ ଭାବେ ବିପର୍ଯ୍ୟସ୍ତ ହେବାରେ ଲାଗିଛି। ସବୁଠି ପୋଲିସ ପ୍ରଶାସନ ନିଷ୍କ୍ରିୟ। ଅପରାଧିମାନଙ୍କ ଚରାଭୂଇଁରେ ପରିଣତ ହୋଇଛି ସାରା ଜିଲ୍ଲା। ଜିଲ୍ଲାର ସମସ୍ତ ଅଞ୍ଚଳରେ ନିଜକୁ ସରକାରୀ ଦଳର ଲୋକ କହି ଅନେକ ଅସାମାଜିକ ତତ୍ତ୍ୱ ଆତଙ୍କ ଚଳାଇଛନ୍ତି। କିଛିଦିନ ତଳେ କେନ୍ଦ୍ରାପଡ଼ାର ଗରାପୁର ଅଞ୍ଚଳରେ ଜଣେ ଲୋକକୁ ଅଖାରେ ପୁରାଇ ପିଟି ପିଟି ମାରି ଦିଆଗଲା। ଇନ୍ଦୁପୁର ଅଞ୍ଚଳରେ ଜଣକୁ ମାରି ଦିଆଗଲା। ପଟ୍ଟାମୁଣ୍ଡାଇ ବଜାରରେ ଦିନ ଦିପହରରେ ଖଣ୍ଡା ଓ ମାରଣାସ୍ତ୍ର ଧରି ସରକାରୀ ଦଳର କେତେକ ଅସାମାଜିକ ଯୁବକ ସହର ସାରା ଆତଙ୍କ ସୃଷ୍ଟି କଲେ। ଏ ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହେଲା ନାହିଁ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଡେରାବିଶ ଅଞ୍ଚଳରେ ଜନୈକ ସାମ୍ବାଦିକଙ୍କ ଉପରେ ଆକ୍ରମଣ ହେଲା। ଥାନାରେ ଏତଲା ଦିଆଯିବା ପରେ ମଧ୍ୟ ପୁଲିସ୍ ହାତବାନ୍ଧି ବସିଛି। ଜିଲ୍ଲା ସାରା ବାଲି ମାଫିଆଙ୍କ ଆତଙ୍କରାଜରେ ନିରୀହ ସାଧାରଣ ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ମହାକାଳପଡ଼ା ବ୍ଲକର କଂସାର ପଞ୍ଚାୟତରେ ଜଣେ ଯୁବକଙ୍କ ଉପରେ ସରକାରୀ ଦଳ ବୋଲାଉଥିବା ଦଳେ ଅସାମାଜିକ ଯୁବକ ମରଣାନ୍ତକ ଆକ୍ରମଣ କଲେ। ପୁଲିସ ଜାଣିଥିଲେ ମଧ ଏ ପର୍ଯ୍ୟନ୍ତ ଆସାମୀମାନଙ୍କୁ ଧରିଲା ନାହିଁ। ମାର୍ଶାଘାଇର ପୋଦନା ଗାଁରେ ଦଳୀୟ କାରଣରୁ ଅତ୍ୟାଚାରିତ ଗୋଟିଏ ନିରୀହ ପରିବାର ସୁରକ୍ଷା ପାଇଁ ଜିଲ୍ଲାର ସମସ୍ତ ମୁଖ୍ୟ ପଦାଧିକାରୀରୀଙ୍କୁ ପ୍ରତିଦିନ ଭେଟିବା ପରେ ବି ଫଳଶୂନ୍ୟ। ଏମିତି ଅନେକ ଘଟଣା ଜିଲ୍ଲାରେ ରହିଛି। ସରକାରୀ ଅଧିକାରୀମାନେ ବଦଳି ଭୟରେ ହାତଗୋଡ଼ ଜାକି ବସିଛନ୍ତି। ଯେମିତି ଜଣାପଡୁଛି ଜିଲ୍ଲାର ଆଇନର ଶାସନ ନାହିଁ। ଜିଲ୍ଲା ଅସାମାଜିକମାନଙ୍କ ଚରାଭୂଇଁରେ ପରିଣତ ହୋଇଛି। ଏହାର ପ୍ରତିବାଦରେ ଆଇନର ଶାସନ ଫେରାଇ ଆଣିବା ପାଇଁ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) କେନ୍ଦ୍ରାପଡ଼ା ଜିଲ୍ଲା କମିଟି ପକ୍ଷରୁ ଏକ ପ୍ରତିନିଧି ଦଳ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ପଦକ୍ଷେପ ନିଆନଗଲେ ଜିଲ୍ଲାରେ ଆନ୍ଦୋଳନ କରିବାକୁ ବାଧ ହେବ ବୋଲି ଜିଲ୍ଲା କମିଟି ଚେତାବନୀ ଦେଇଛି। ଏହି ପ୍ରତିନିଧି ଦଳରେ ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଜଗତଜୀବନ ଦାଶ, କାଳିପ୍ରସାଦ ନାୟକ, ନରୋତ୍ତମ ପାର୍ଥସାରଥୀ, ମାଧବ ଦାସ ଓ ରମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପୂର୍ବତନ ସୈନିକ ସଂଘ ପକ୍ଷରୁ ପୁଲବାମା ସହିଦ ଦିବସ ପାଳିତ




କେନ୍ଦ୍ରାପଡା,୧୪।୨(ସମିସ): ପୂର୍ବତନ ସୈନିକ ସଂଘ, କେନ୍ଦ୍ରାପଡ଼ାର ସାଧାରଣ ସମ୍ପାଦକ ସୁବେଦାର ମେଜର ବୀରବର ପାତ୍ରଙ୍କ ସଭାପତିତ୍ୱରେ ପୁଲବାମା ସହିଦ ଦିବସ କାର୍ଯ୍ୟକ୍ରମ ତିନିମୁହାଣ ଛକସ୍ଥିତ ଅମର ଯବାନ ସହିଦ ସ୍ତମ୍ଭ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ସଂଘର ସାଧାରଣ ସମ୍ପାଦକ ଏବଂ ସୁବେଦାର ମେଜର ହନରାରି ଲେଫ୍ଟନାଣ୍ଟ ବ୍ରଜ କିଶୋର ସାହୁ ସହିଦ ସ୍ତମ୍ଭ ନିକଟରେ ଦୀପକ ପ୍ରଜ୍ୱଳନ କରିଥିଲେ। ସହ ସମ୍ପାଦକ ସର୍ଜେଣ୍ଟ ଅକ୍ଷୟ କୁମାର ସାହୁ, ଉପଦେଷ୍ଟା ଆଇନଜୀବୀ ମହେଶ୍ୱର କର, ଗୌରାଙ୍ଗ ଚରଣ ସ୍ୱାଇଁ, ଗୌରାଙ୍ଗ ଚରଣ ପ୍ରଧାନ, ସମାଜସେବୀ ରଣଜିତ ସିଂହ ଏବଂ ଏବିଭିପି ଛାତ୍ର ସଂଘର ବହୁ ଛାତ୍ର ଓ କାଳିଆ ସେବା ଫାଉଣ୍ଡେସନ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ହୋଇ ସହିଦ ଯବାନମାନଙ୍କ ନୀରବ ପାର୍ଥନା କରିଥିଲେ। ସୁବେଦାର ମେଜର ହନିନାରି ଲେଫ୍ଟନାଣ୍ଟ ବ୍ରଜ କିଶୋର ସାହୁ ପୁଲବାମା ଘଟଣାର ବୀର ସହିଦ ଯବାନମାନଙ୍କ ବଳିଦାନ ଉଦ୍ଦେଶ୍ୟରେ ବିଶେଷ ଆଲୋକପାତ କରିଥିଲେ।

## ୧୬ରେ ବାଲିଘରର ବାର୍ଷିକୋତ୍ସବ

ତିର୍ତ୍ତୋଲ,୧୪।୨(ସମିସ): ବାଲିଘର ଫାଉଣ୍ଡେସନ ଓ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନର ୩୫ ତମ ବାର୍ଷିକୋତ୍ସବ ଆସନ୍ତା ୧୬ ତାରିଖ ରବିବାର ଦିନ ତିର୍ତ୍ତୋଲ ଥାନା ଅନ୍ତର୍ଗତ ପଣ୍ଡୁଆ ପଞ୍ଚାୟତର ମୁଣ୍ଡିଦା ଗ୍ରାମ ବାଲିଘର ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହେବ। ଅତିଥି ଭାବେ ଔପନ୍ୟାସିକ ଭାଗୀରଥି ଦାସ, ପୂର୍ବତନ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ ଡ଼. ଗଙ୍ଗାଧର ମିଶ୍ର, ପ୍ରାକ୍ତନ ଅତିରିକ୍ତ ପୋଲିସ୍ ଅଧିକ୍ଷକ (ଭିଜିଲାନ୍ସ) ଶଶିଶେଖର ମହାପାତ୍ର, ଅଧ୍ୟାପକ ଡ଼. ସୁରଞ୍ଜନ ଲେଙ୍କା, ଆଇନଜୀବୀ ଓମ୍ ପ୍ରକାଶ ଦାସ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ୨୦୨୫ ବର୍ଷ ପାଇଁ ବାଲିଘର ସାହିତ୍ୟ ସମ୍ମାନ ପାଇବେ ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ଡ଼. ହୃଷିକେଶ ମଲ୍ଲିକ, ପ୍ରବନ୍ଧ ସମ୍ମାନ ପାଇବେ ଡ଼.ବିଷ୍ଣୁପ୍ରିୟା ଓତା, ନାଟକ ସମ୍ମାନ ମେଜର ଡ. ସୁମିତ୍ରା ମିଶ୍ର, କବିତା ସମ୍ମାନ ଡ଼ ରଞ୍ଜିତା ନାୟକ, ଶିଶୁ ସାହିତ୍ୟ ସମ୍ମାନ ଡ. ଅରୁଣ କୁମାର ପଣ୍ଡା, ଗଳ୍ପ ସମ୍ମାନ ଶକ୍ତିପ୍ରଭା ମିଶ୍ର,ଗୀତିକବିତା ସମ୍ମାନ ବିପିନ୍ ମହାନ୍ତି ଓ ସମାଜସେବା ସମ୍ମାନ ପ୍ରସନ୍ନ କୁମାର ବେଉରାଙ୍କୁ ଦିଆଯିବାକୁ ଥିବା ବେଳେ ସମ୍ବର୍ଦ୍ଧନା ପାଇବେ ଡ଼. ସୁଧାକର ଦାସ, ଡ. ନିରୁପମା ମିଶ୍ର, ଡ. ସୁରେନ୍ଦ୍ର ନାଥ ତ୍ରିପାଠୀ, ଫକୀର ସିଂହ ଓ ପ୍ରଫୁଲ୍ଲ କୁମାର ସାହୁ । ଏହି ସାରସ୍ୱତ ଉତ୍ସବରେ କବି, ଲେଖକ, ସାମ୍ବାଦିକ, ସାହିତ୍ୟ ଅନୁରାଗୀ ବନ୍ଧୁମାନଙ୍କୁ ଯୋଗ ଦେବା ପାଇଁ ଅନୁଷ୍ଠାନ ପକ୍ଷରୁ ଅନୁରୋଧ କରାଯାଇଛି ।

## ପରୋପକାରୀ ସୁଧୀରଙ୍କ ପରଲୋକ

ରାଜକନିକା,୧୪।୨ (ସମିସ): ରାଜକନିକା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ସୁଧୀର କୁମାର ରାଉତ (୭୩)ଙ୍କର ଗତକାଲି ପରଲୋକ ହୋଇଛି। ଗତକାଲି ସନ୍ଧ୍ୟାରେ ଛାତିରେ ଯନ୍ତ୍ରଣା ହେବାରୁ ପରିବାର ଲୋକେ ତାଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଜଣେ ପରୋପକାରୀ ମଣିଷ ଭାବରେ ସେ ଜଣାଶୁଣା ଥିଲେ। ଜନ୍ମ ମାଟିରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଏକ ମାତ୍ର ପୁଅ ସୁବ୍ରତ ମୁଖାଗ୍ନି ଦେଇଥିଲେ।



## ବିଶୋକ ପ୍ରକଳ୍ପ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଡେରାବିଶ, ୧୪।୨(ସମିସ): ଡେରାବିଶ ବ୍ଲକ୍ ଖମୋଳ ପଞ୍ଚାୟତ ଅନ୍ତର୍ଗତ ବିଶୋକ ପ୍ରକଳ୍ପ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ଡେରାବିଶ ମଣ୍ଡଳର ପୂର୍ବତନ ଅତିରିକ୍ତ ଶିକ୍ଷାଧିକାରୀ ରବିନ୍ଦ୍ର କୁମାର ଲେଙ୍କା ଅଧ୍ୟକ୍ଷତା କରିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବରେ ମଣ୍ଡଳ ଅତିରିକ୍ତ ଶିକ୍ଷାଧିକାରୀ ସଚୀକାନ୍ତ ମିଶ୍ର ଓ ସମ୍ମାନିତ ଅତିଥିଭାବରେ ଖମୋଳ ସରପଞ୍ଚ ତୃପ୍ତିମୟୀ କର, ସମିତି ସଭ୍ୟ ଅକ୍ଷୟ କୁମାର ନାୟକ, ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶରତ କୁମାର ଆଚାର୍ଯ୍ୟ, ବାଗ୍‌ଦେବୀ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ବିଥିକା ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଲଲାଟ କେଶରୀ ଭୂୟାଁ ଅତିଥି ପରିଚୟ ପ୍ରଦାନ କରିବା ସହିତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ରଞ୍ଜିତା ଭଞ୍ଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଥିବା କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଖେଳ ପରିଚାଳନା ଓ ପୁରସ୍କାର ବିତରଣ କାର୍ଯ୍ୟରେ ଶିକ୍ଷକ ଭଜକୃଷ୍ଣ ମହାପାତ୍ର, ମେନକା ମହାନ୍ତି ଓ ଦେବସ୍ମିତା ବେହେରା ପରିଚାଳନା କରିଥିଲେ। ପରେ ସିଆରସିସି ପ୍ରମୋଦ କୁମାର ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଖଗେଶ୍ୱର ନାଥ, ଅଭିରାମ ମିଶ୍ର, ଅଜୟ କୁମାର ଦାସ, ପ୍ରକାଶ ଚନ୍ଦ୍ର ରାଉତ, ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ଜେନା ଓ ସିଆରସିସି ପ୍ରଦୀପ ମଲ୍ଲ, ରମେଶ ଚନ୍ଦ୍ର ପତି, ସନ୍ତୋଷ ମଲିକ ଓ ଶିକ୍ଷକ ନିର୍ମଳ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ବିଦ୍ୟାଳୟର କୁନିକୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସମ୍ବର୍ଦ୍ଧନା ସମାରୋହ



କେନ୍ଦ୍ରାପଡ଼ା,୧୪।୨(ସମିସ): କେନ୍ଦ୍ରାପଡ଼ା ବ୍ଲକ୍ ଅନ୍ତର୍ଗତ କୁତରଙ୍ଗ ପଞ୍ଚାୟତ ହାଇସ୍କୁଲରେ ଜାତିର ପିତା ମହାତ୍ମା ଗାନ୍ଧୀ, ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସ ଓ ସ୍କୁଲର ପ୍ରତିଷ୍ଠାତା ପଦ୍ମନାଭ ଛାଟୋଇଙ୍କ ପ୍ରତିମୂର୍ତ୍ତୀ ଉନ୍ମୋଚନ ଓ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ ମୁଖ୍ୟ ଅତିଥି, ବର୍ଷିୟାନ ଶିକ୍ଷାବିତ୍ ରଘୁନାଥ ରାଉତ ମୁଖ୍ୟବକ୍ତା ଓ ବରିଷ୍ଠ ସାମ୍ବାଦିକ ଗଣେଶ ଚନ୍ଦ୍ର ସାମଲ ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ସ୍କୁଲ ପରିସରରେ ମହାପୁରୁଷ ମାନଙ୍କର ପ୍ରତିମୂର୍ତ୍ତି ଉନ୍ମୋଚନ କରିଥିଲେ। ଶିକ୍ଷାବିତ୍ ଅଭିମନ୍ୟୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ସୁଶ୍ରୀ ଲିଲିତା ଦାସ, ମୁଖ୍ୟବକ୍ତା ରଘୁନାଥ ରାଉତ ଓ ସମ୍ମାନିତ ଅତିଥି ଗଣେଶ ଚନ୍ଦ୍ର ସାମଲଙ୍କ ସମେତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦାସ, ବର୍ଷିଆନ ସାମ୍ବାଦିକ ପରୀକ୍ଷିତ ପାତ୍ର, ସ୍ଥାନୀୟ ସରପଞ୍ଚ ଚିରଂଜନ ଜେନା, ସମିତିସଭ୍ୟା ମିନତୀ ଦାସ, ପୂର୍ବତନ ସରପଞ୍ଚ ତଥା ଜଣାଶୁଣା ସମାଜସେବୀ ସରୋଜ କୁମାର ପଣ୍ଡା, ସାରସ୍ୱତ ସାଧକ ଶୈଳଜା ଶଙ୍କର ସାମଲ, ବଟକୃଷ୍ଣ ସାମଲ, ଜୟୀରାମ ସ୍ୱାଇଁ, ସୁବ୍ରତ ମହାନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍କୁଲରୁ ସେବା ନିବୃତ ହୋଇଥିବା ଶିକ୍ଷକ ପ୍ରସନ୍ନଜିତ ପଣ୍ଡାଙ୍କ ବହୁମୁଖି ପ୍ରତିଭା ଓ ମାନବୀୟ ଚିନ୍ତନ ଏବଂ ଶିକ୍ଷକ ସୁରେନ୍ଦ୍ର ବେହେରାଙ୍କ ବଳିଷ୍ଠ ଶିକ୍ଷାଦାନର ବକ୍ତାମାନେ ଉଚ୍ଚ ପ୍ରଶଂସା କରିଥିଲେ। ସ୍କୁଲର ଛାତ୍ରଛାତ୍ରୀ, ପୁରାତନ ଛାତ୍ରଛାତ୍ରୀ ଓ ବିଭିନ୍ନ ସ୍ଥାନୀୟ ସାମାଜିକ ଅନୁଷ୍ଠାନମାନେ ମଧ ଶିକ୍ଷକ ଦ୍ୱୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ଏହି ସମାରୋହରେ ବାଲିଆ ହାଇସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ତଥା ଶିକ୍ଷାବିତ୍ ପରମାନନ୍ଦ ଛାଟୋଇ ସ୍ୱାଗତ ଭାଷଣ ଦେଇଥିଲେ। ସମାଜସେବୀ ରଞ୍ଜିତ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ସ୍କୁଲର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗୌରାଙ୍ଗ ଚରଣ ସାହୁ, ବିମ୍ବାଧର ବେହେରା ଓ ଶିକ୍ଷକ ନୃସିଂହ ଚରଣ ଭଦ୍ରଙ୍କୁ ସମ୍ମାନିତ କରାଯାଇଥିଲା। ରମେଶ ଚନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପ୍ରତିମୂର୍ତ୍ତି ଉନ୍ମୋଚନ ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ସାମାଜସେବୀ ରାଜନ ପ୍ରସାଦ ଛାଟୋଇଙ୍କ ତତ୍ୱାବଧାନରେ କୁତରଙ୍ଗ ପଞ୍ଚାୟତବାସୀ ବିଭିନ୍ନ ବର୍ଗର ବହୁ ବିଶିଷ୍ଟ ବ୍ୟକ୍ତି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

## ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

କେନ୍ଦ୍ରାପଡା,୧୪।୨(ସମିସ): କପାଳେଶ୍ୱର ଗ୍ରାମପଞ୍ଚାୟତର ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ ପରିସରରେ ଥିବା ଶିବାନନ୍ଦ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଶ୍ରମର ପ୍ରତିଷ୍ଠାତା ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ ବିଶିଷ୍ଟ ଅତିଥି, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ମୁଖ୍ୟବକ୍ତା ଓ ଆଶ୍ରମର ଉପାଧ୍ୟକ୍ଷ ଡ. କାଳି ପ୍ରସନ୍ନ ଶତପଥୀ, ବିଦ୍ୟାମନ୍ଦିର ଅଧ୍ୟକ୍ଷ ଡ.ସୁରେନ୍ଦ୍ରନାଥ ଆଚାର୍ଯ୍ୟ ଓ ସମାଜସେବୀ ଅର୍ଚ୍ଚନା ଗୋଏଙ୍କା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗେ ଦଇଥିଲେ। ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଦାସଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାମନ୍ଦିରର ଗୁରୁଜୀ ଓ ଗୁରୁମା’ଙ୍କ ସହିତ ଛାତ୍ର ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରହ୍ମଚାରୀ ନୃସିଂହନାଥ ଦାସ, ରୀତାଞ୍ଜଳୀ ନାଥ ଓ ଶିବାନୀ ପ୍ରମୁଖ ଉପସ୍ଥିତ ଥିଲେ।

### ପ୍ରଶାସନିକ ଅବହେଳାର କରୁଣ ପରିଣତି

## ଭତ୍ତା ପାଇଁ ୧୭ କିଲୋମିଟର ଚାଲିଲେ ଦିବ୍ୟାଙ୍ଗ

ଡେରାବିଶ, ୧୪।୨(ସମିସ):



ପ୍ରଶାସନିକ ଅଧିକାରୀଙ୍କ ଅବହେଳା ପାଇଁ ଜଣେ ୮୦ ପ୍ରତିଶତ ଦିବ୍ୟାଙ୍ଗ ନିଜ ଘରଠାରୁ ୧୭ କିଲୋମିଟର ଚାଲିଚାଲି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିବାକୁ ବାଧ ହୋଇଥିବା ଜଣାପଡ଼ିଛି। ସୂଚନାରୁ ପ୍ରକାଶ ଡେରାବିଶ ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ନରସିଂହପୁର ଗ୍ରାମର ୬୩ ବର୍ଷୀୟ ବୃଦ୍ଧ ଭାଗ୍ୟଧର ଖଟୁଆ ଜଣେ ୮୦ ପ୍ରତିଶତ ଦିବ୍ୟାଙ୍ଗ । ସେ ଦୀର୍ଘ ୪୫ ବର୍ଷ ହେବ ମେରୁଦଣ୍ଡ ରୋଗରେ ପୀଡ଼ିତ ହୋଇ ଭିନ୍ନକ୍ଷମ ହୋଇଯାଇଛନ୍ତି। ସେ ପୂର୍ବରୁ ୧୨୦୦ ଟଙ୍କା ଦିବ୍ୟାଙ୍ଗ ଭତ୍ତା ପାଉଥିଲେ। ଗତ ମାସରେ ସରକାରଙ୍କ ପକ୍ଷରୁ ୮୦ ପ୍ରତିଶତ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ୩୫୦୦ ଟଙ୍କା ଭତ୍ତା ଅର୍ଥ ଘୋଷଣା କରିଛନ୍ତି। କିନ୍ତୁ ଦିବ୍ୟାଙ୍ଗ ଭାଗ୍ୟଧର ଗତ ମାସରେ ଭତ୍ତା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଯିବାରୁ ତାଙ୍କୁ ପୂର୍ବଭଳି ୧୨୦୦ ଟଙ୍କା ମିଳିଥିଲା। ବର୍ଦ୍ଧିତ ୩୫୦୦ ଟଙ୍କା ଭତ୍ତା ସମ୍ପର୍କରେ ପଚାରିବାରୁ ପଞ୍ଚାୟତ ପକ୍ଷରୁ ଉତ୍ତର ମିଳିଥିଲା ତାଙ୍କର ବର୍ଦ୍ଧିତ ଭତ୍ତା ଆସିନାହିଁ। ଭାଗ୍ୟଧର ଏହି କଥାରେ ସନ୍ତୁଷ୍ଟ ନହୋଇ ଦୀର୍ଘ ୧୭ କିଲୋମିଟର ବାଟ ଚାଲିଚାଲି ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କୁ ଦେଖାକରି ତାଙ୍କୁ ବର୍ଦ୍ଧିତ ଭତ୍ତା ଦେବା ପାଇଁ ଗୁହାରୀ କରିଥିଲେ। ଏ ସମ୍ପର୍କରେ ନରସିଂହପୁର ସରପଞ୍ଚ ସୁଧିର ଖଟୁଆଙ୍କୁ ପଚାରିବାରୁ ଗତମାସରେ ସରକାରଙ୍କ ପକ୍ଷରୁ ସମସ୍ତ ସତୁରି ଜଣ ହିତାଧିକାରୀଙ୍କ ମଧ୍ୟରୁ ମାତ୍ର ୨୦ ଜଣ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ଆସିଥିଲା। ଚଳିତ ମାସରେ ସମସ୍ତ ହିତାଧିକାରୀଙ୍କ ବର୍ଦ୍ଧିତ ଭତ୍ତା ଆସିଲେ ସେମାନଙ୍କୁ ପ୍ରଦାନ କରାଯିବ। ତେବେ ପ୍ରଶାସନିକ ଅଧିକାରୀ ଏ ନେଇ ଦୃଷ୍ଟି ଦେଇ ତୁରନ୍ତ ବ୍ଲକ୍ ଅଧୀନସ୍ଥ ସମସ୍ତ ପଞ୍ଚାୟତରେ ରହିଥିବା ୮୦ ବର୍ଷ ବୟସ୍କ ତା’ଠାରୁ ଅଧିକ ବୟସ୍କ ଦିବ୍ୟାଙ୍ଗଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳରେ ନୂତନ ବ୍ରାହ୍ମଣୀ ବ୍ଲକ୍ ପ୍ରତିଷ୍ଠା ଦାବି

ପଟ୍ଟାମୁଣ୍ଡାଇ,୧୪।୨ (ସମିସ): ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ବିକାଶ ମଞ୍ଚ ପକ୍ଷରୁ ନୂତନ ବ୍ରାହ୍ମଣୀ ବ୍ଲକ୍ ପ୍ରତିଷ୍ଠା ପାଇଁ ଦାବି କରାଯାଇଛି। ଏନେଇ ଧୋୟାଞ୍ଚଳ ବିକାଶ ମଞ୍ଚ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଲିଖିତ ଅଭିଯୋଗ କରାଯାଇଛି। ସମ୍ପ୍ରତି ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳର ୮ ଟି ପଞ୍ଚାୟତ, ଆଳି ବ୍ଲକର ୫ ଗୋଟି ପଞ୍ଚାୟତ, କେନ୍ଦ୍ରାପଡ଼ା ବ୍ଲକର ୩ଟି ପଞ୍ଚାୟତକୁ ନେଇ ନୂତନ ବ୍ଲକ ଗଠନ କରାଯିବାକୁ ଧୋୟାଞ୍ଚଳ ବିକାଶ ମଞ୍ଚ ଜିଲ୍ଲାପାଳଙ୍କ ମାଧ୍ୟମରେ ରାଜସ୍ୱ ମନ୍ତ୍ରୀଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛି। ଧୋୟାଞ୍ଚଳ ବିକାଶ ମଞ୍ଚ ସମ୍ପାଦକ ରାଜକୁମାର ବିଶ୍ୱାଳଙ୍କ ନେତୃତ୍ୱରେ ମଞ୍ଚର ଉପସଭାପତି ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ସଦସ୍ୟ ପୂର୍ବତନ ସରପଞ୍ଚ ଅଜୟ ବିଶ୍ୱାଳ, ପୂର୍ବତନ ସମିତି ସଭ୍ୟ ଗୋଲେଖ ବେହେରା, ରବୀନ୍ଦ୍ର ପରିଡ଼ା ପ୍ରମୁଖ ଜିଲ୍ଲାପାଳଙ୍କୁ ଭେଟି ରାଜସ୍ୱ ମନ୍ତ୍ରୀଙ୍କ ଉଦେଶ୍ୟରେ ଦାବି ପତ୍ର ପ୍ରଦାନ କରିଛନ୍ତି। ଅନ୍ୟ ପକ୍ଷରେ ତରଡିପାଳ ପଞ୍ଚାୟତ ରାମ ନାୟକ ଡିଆ ଝାଡ଼ବଣର ଉନ୍ନତି କରାଯିବା ସହିତ ଏହାକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ, ଶିଶୁ ଉଦ୍ୟାନ ନିର୍ମାଣ, ବଣଭୋଜି ପାଇଁ ପିଣ୍ଡି ନିର୍ମାଣ କରାଯିବା ନେଇ ମଧ ଦାବି କରିଛି ଧୋୟାଞ୍ଚଳର ବିକାଶ ମଞ୍ଚ। ଏହାଛଡ଼ା ଏହି ପ୍ରକଳ୍ପ ଗୁଡ଼ିକର ଏକ ନକ୍ସା ପ୍ରସ୍ତୁତ କରି ଧୋୟାଞ୍ଚଳ ବିକାଶ ମଞ୍ଚ ଜିଲ୍ଲାପାଳଙ୍କୁ ପ୍ରଦାନ କରିଥିବା ଜଣାଯାଇଛି। ବନ୍ୟାଞ୍ଚଳର ଅବସର କର୍ମଚାରୀ ପରିଷଦର ଗୃହ ମରାମତି ପାଇଁ ମଧ ଦାବି କରାଯାଇଛି।

# ‘ଯକ୍ଷ୍ମା ସଚେତନତା ପାଇଁ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ’




**ଜଗତସିଂହପୁର,୧୪।୨(ସମିସ):** ଯକ୍ଷ୍ମାମୁକ୍ତ ଭାରତ ଅଭିଯାନରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ପ୍ରକାଶ କରିଛନ୍ତି ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାଃ ଶତ୍ରୁଘ୍ନ ଦାଶ। ଯକ୍ଷ୍ମା ନିରାକରଣ ଅନ୍ତର୍ଗତ ୧୦୦ ଦିନିଆ ଅଭିଯାନ ସମ୍ପର୍କୀତ ଗଣମାଧ୍ୟମ ପ୍ରତିନିଧିଙ୍କ ସଚେତନତା କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଡଃ ଦାଶ ଏହା କହିବା ସହିତ ୨୦୨୫ ସୁଦ୍ଧା ଯକ୍ଷ୍ମାମୁକ୍ତ ଭାରତ ଅଭିଯାନକୁ ସଫଳ କରିବାକୁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡାଃ ରଶ୍ମୀରଞ୍ଜନ ପଟ୍ଟନାୟକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିତୀ ତନୟା ମହାନ୍ତି ଏଥିରେ ଯୋଗଦେଇ ଗତ ୨୦୧୮ ମସିହା ମାର୍ଚ୍ଚ ୧୩ ତାରିଖରେ ଦିଲ୍ଲୀରେ ଏହି ଯକ୍ଷ୍ମା ମୁକ୍ତ ଭାରତ ଅଭିଯାନ ଆରମ୍ଭ ହୋଇଥିଲା ବୋଲି କହିବା ସହିତ ପରିସଂଖ୍ୟାନ ଅନୁସାରେ ଭାରତ ବିଶ୍ୱର ସର୍ବାଧିକ ଯକ୍ଷ୍ମା ବର୍ଡନ ଦେଶ ହୋଇଥିବାରୁ ଏହାର କାରଣ ଓ ନିରାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ସମସ୍ତେ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ଜିଲ୍ଲା କାର୍ଯ୍ୟକ୍ରମ ସଂଯୋଜକ ବିପିନ ବିହାରୀ ପାତ୍ର ଏଥିରେ ଯୋଗଦେଇ ଅଡିଓ ଭିଡିଓ ମାଧ୍ୟମରେ ଜଗତସିଂହପୁର ଜିଲ୍ଲାରେ ଯକ୍ଷ୍ମାରୋଗର ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲ୍ଲାରେ ମୋଟ ୨ ଲକ୍ଷ ୪୧ ହଜାର ଅସୁରକ୍ଷିତ, ବିପଦସଙ୍କୁଳ ବ୍ୟକ୍ତି ଚିହ୍ନଟ ହୋଇଛନ୍ତି। ଗତ ଡିସେମ୍ବର ୭ ତାରିଖ ଠାରୁ ଆରମ୍ଭ ହୋଇଥିବା ୧୦୦ ଦିନିଆ ଯକ୍ଷ୍ମା ନିରାକରଣ ଅଭିଯାନରେ ଫେବୃୟାରୀ ୧୨ ତାରିଖ ସୁଦ୍ଧା ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୩୦ ହଜାର ବ୍ୟକ୍ତିଙ୍କର ସ୍କ୍ରିନିଂ କରାଯାଇଛି। ଆବଶ୍ୟକତା ଅନୁସାରେ ୧୬ ହଜାରରୁ ଅଧିକ ପରୀକ୍ଷା କରାଯାଇ ଥିବାବେଳେ ଅଦ୍ୟାବଧି ୧୦୬ ଜଣ ଯକ୍ଷ୍ମା ରୋଗୀ ଚିହ୍ନଟ ହୋଇଥିବା ଶ୍ରୀ ପାତ୍ର ସୂଚନା ଦେଇଥିଲେ। ସେହିପରି ୧୮ ଜଣ ନିକ୍ଷୟ ମିତ୍ର ୬୦ରୁ ଉଦ୍ଧ୍ୱର୍ ଯକ୍ଷ୍ମା ରୋଗୀଙ୍କୁ ପୋଷ୍ୟ ରୂପେ ଗ୍ରହଣ କରି ୪୭୧ ଖାଦ୍ୟ ପୁଡିଆ ଦେଇଥିବା ଶ୍ରୀ ପାତ୍ର ସୂଚନା ଦେଇଥିଲେ।

## ଗ୍ରାମଦେବତୀ ଓ ହନୁମାନଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ

**ମଣିଜଙ୍ଗା,୧୪।୨(ସମିସ):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ଗ୍ରାମପଞ୍ଚାୟତର ଇନ୍ଦରପା ଗ୍ରାମର ଗ୍ରାମ ଦେବତୀ ଓ ହନୁମାନଙ୍କ ପୀଠରେ ଅଷ୍ଟ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେଉଛି। ଗ୍ରାମର ସମସ୍ତ ଜନସାଧାରଣଙ୍କର ସହଯୋଗ ରହିଛି । ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ମହାସମାରୋହ ମଧ୍ୟରେ ନାମଯଜ୍ଞ ଚାଲୁଛି ୫ ସଙ୍କୀର୍ତ୍ତନ ମଣ୍ଡଳ ଦଳ ଯୋଗ ଦେଇଛନ୍ତି। ଗ୍ରାମର ସମସ୍ତ ଜନସାଧାରଣ ଓ ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି।

## ଛତ୍ରମଠ ନାରାୟଣୀ ପୀଠରେ ଗୀତା ପାଠ



**ତିର୍ତ୍ତୋଲ,୧୪।୨(ସମିସ):** ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ଛତ୍ରମଠ ନାରାୟଣୀ ପୀଠରେ ଅବସରପ୍ରାପ୍ତ କର୍ମଚାରୀଙ୍କ ତରଫରୁ ଧ୍ରୁବଚନ୍ଦ୍ର ସେନାପତିଙ୍କ ତତ୍ତ୍ୱାବଧାନରେ ଗୀତା ପାଠ ଓ ଭାଗବତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ପ୍ରବକ୍ତା ଅବସରପ୍ରାପ୍ତ ଶିକ୍ଷକ ଦିଗମ୍ବର ରାଉତ ଓ ସାଥୀ ଏକାଦଶ ଅଧ୍ୟାୟ ‘ବିଶ୍ୱରୂପ ଦର୍ଶନ ଯୋଗ’ ପାଠ କରିଥିଲେ। ଏଥିରେ ପଦ୍ମ ଚରଣ ସେଠୀ, ବୈରାଗୀ ଚରଣ ବିଶ୍ୱାଳ, ଦ୍ୱିଜବର ବାରିକ, ସୁଧାକର ବାରିକ, ରାଜକିଶୋର ଦାସ, ଅରୁଣ ଚରଣ ଖୁଣ୍ଟିଆ, ପ୍ରଭାତ ଦାସ, ରବୀନ୍ଦ୍ର ସିଂହ, ପ୍ରହ୍ଲାଦ ନାୟକ, କୁମର ସେନାପତି, ସୁର ଖୁଣ୍ଟିଆ, ଗୋପାଳ ବାରିକଙ୍କ ସମେତ ଛତ୍ରମଠ ଗ୍ରାମବାସୀ ସହଯୋଗ କରିଥିଲେ।

## ସିଆଇଏସ୍‌ଏଫ୍ ଯବାନଙ୍କ ହୃଦ୍‌ଘାତରେ ପରଲୋକ



**ରାଜକନିକା,୧୪।୨(ସମିସ):** ରାଜକନିକା ଥାନାନ୍ତର୍ଗତ ପଣ୍ଡିଆପଲ୍ଲୀ ଗାଁର ସିଆଇଏସଫ ଯବାନ ଯୁଗଳ କିଶୋର ପ୍ରଧାନଙ୍କର ଗତକାଲି ଦିଲ୍ଲୀ ରେ ହୃଦଘାତରେ ମୃତ୍ୟୁ ହୋଇଛି । ଗତକାଲି ଛାତିରେ ଯନ୍ତ୍ରଣା ଅନୁଭବ ହେବାରୁ ତାଙ୍କୁ ଏଏମଏସ ରେ ଭର୍ତ୍ତି କରାଯାଇଥିଲା। ମାତ୍ର ସକାଳ ୯,୧୫ ମିନିଟ ସମୟରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ ।ମୃତ ଯବାନ ଯୁଗଳ ସ୍ଥାନୀୟ ଆଖୁଳିପଡା ଗାଁରେ ଗତ ୭ ବର୍ଷ ପୂର୍ବରୁ ଦୁର୍ଯୋଧନ ଭୂୟାଁଙ୍କ ଝିଅ ସଂଯୁକ୍ତା ଭୂୟାଁଙ୍କୁ ବିବାହ କରିଥିଲେ । କୌଣସି ସନ୍ତାନ ସନ୍ତତି ନ ଥିବା ଯୁଗଳଙ୍କ ମୃତ୍ୟୁରେ ସ୍ତ୍ରୀ ସମ୍ପୂର୍ଣ୍ଣ ଭାଙ୍ଗି ପଡିଛନ୍ତି । ଗତକାଲି ମୃତ୍ୟୁ ଖବର ପାଇବା ପରେ ତାଙ୍କର ବାପା ଜନ୍ମେଜୟ ପ୍ରଧାନ ସମ୍ପର୍କୀୟଙ୍କ ଶହ ଦିଲ୍ଲୀ ଯାଇ ମର ଶରୀରକୁ ଗାଁ କୁ ଆଣିବାର ବ୍ୟବସ୍ଥା କରୁଛନ୍ତି । ତେବେ ମୃତ ଯବାନ ୧୩ ବର୍ଷ ହେବ ସିଆଇଏସଏଫରେ ଭର୍ତ୍ତି ହୋଇଥିବା ବେଳେ ଗତ ୧୫ ଦିନ ହେବ ବାଙ୍ଗାଲୋରରୁ ଦିଲ୍ଲୀକୁ ବଦଳି ହୋଇଥିଲେ । ମୃତ ଯବାନଙ୍କ ସାନଭାଇ, ବିଧବା ସ୍ତ୍ରୀ, ମା ଅଛନ୍ତି ।ଆସନ୍ତାକାଲି ତାଙ୍କର ମରଶରୀର ରାଜକନିକାର ଜନ୍ମମାଟିକୁ ଆଣିବାର ବ୍ୟବସ୍ଥା ହେଉଥିବା ପରିବାର ପକ୍ଷରୁ ସୂଚନା ମିଳିଛି ।

## କୃତୀଛାତ୍ରଙ୍କୁ ସମ୍ବର୍ଦ୍ଧନା

**ବାଲିକୁଦା,୧୪।୨(ସମିସ):** ବାଲିକୁଦା ବ୍ଲକ ମରିଚପୁର ପଞ୍ଚାୟତ ଧନୁହର ବେଲାରୀ ଗ୍ରାମର ପୁରେନ୍ଦ୍ର ସାମଲଙ୍କର କନିଷ୍ଠ ପୁତ୍ର ପବିତ୍ର ସାମଲ ଦି ଇନଷ୍ଟିଚ୍ୟୁଟ ଅଫ କଷ୍ଟ ଅକାଉଣ୍ଟାଣ୍ଟ ଅଫ ଇଣ୍ଡିଆ ପକ୍ଷରୁ ପରିଚାଳିତ ସିଏମଏ ଗ୍ରୁପ ୪ ପରୀକ୍ଷାରେ ସଫଳତାର ସହ ଉତ୍ତୀର୍ଣ୍ଣ ହେବା ସହ ଓଡ଼ିଶାରେ ପ୍ରଥମ ସ୍ଥାନ ଅଳଙ୍କୃତ କରିଛନ୍ତି। ଏଥିସହ ଗୋଟିଏ ପେପରରେ ଦେଶର ସର୍ବୋଚ୍ଚ ସ୍ଥାନ ଅଳଙ୍କୃତ କରିଥିବାରୁ ତାଙ୍କର ଏହି ସଫଳତା ପାଇଁ ମହାମହିମା ଉଚ୍ଚ ବିଦ୍ୟାଳୟ, ମହାମହିମା ପୁରାତନ ଛାତ୍ର ସଂସଦ ଓ ପଞ୍ଚାୟତ ସମିତି ସଭ୍ୟା ସୁନିତା ନାୟକଙ୍କ ପକ୍ଷରୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ବାରିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ପବିତ୍ର ସାମଲ ତାଙ୍କ ପଢା ଜୀବନର ସବୁ ଅନୁଭବ ଓ ପ୍ରତିକୂଳ ପରିସ୍ଥିତିରେ କିଭଳି ନିଜକୁ ପ୍ରସ୍ତୁତ କରିଥିଲେ ସେ ସମ୍ବନ୍ଧରେ ଅଭିମତ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ସଭ୍ୟା ସୁନିତା ନାୟକ, ଶିକ୍ଷକ ଅଜୟ କୁମାର ଶତପଥୀ, ଗୀତାରାଣୀ ଖଟୁଆ, ସୁନାକର ରାଉତ, ଲକ୍ଷ୍ମୀକାନ୍ତ ମହାନ୍ତି, ଶିକ୍ଷା କର୍ମଚାରୀ ଦାରୁଣ ଚନ୍ଦ୍ର ନାୟକ, ଦିଲ୍ଲୀପ କୁମାର ସ୍ୱାଇଁ ଓ ପୁରାତନ ଛାତ୍ର ସଂସଦର ରମେଶ ଚନ୍ଦ୍ର ବହିରା, ତପନ କୁମାର ନାୟକ ଓ ଗଙ୍ଗାଧର ଜେନା, ଗ୍ରାମର ବ୍ୟକ୍ତିତ୍ୱ ଶରତ କୁମାର ନାୟକ ଉପସ୍ଥିତ ଥିଲେ।ଶ୍ରୀ ସାମଲଙ୍କୁ ଉତ୍ତରୀୟ, ଉପଢୌକନ,ପୁଷ୍ପ ଗୁଚ୍ଛ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

## ବଳରାମଙ୍କ ଏକାଦଶାହରେ ସେନା କର୍ମଚାରୀଙ୍କ ଶ୍ରଦ୍ଧାଞ୍ଜଳି

**କୁଜଙ୍ଗ,୧୪।୨(ସମିସ):** ଅବସରପ୍ରାପ୍ତ ସେନାକର୍ମଚାରୀ ବଳରାମ ଦାସଙ୍କ ଏକାଦଶାହ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ତାଙ୍କ ବାସଭବନ ବଳରାମପୁରଠାରେ ଗୁରୁବାର ରାତିରେ ଅନୁଷ୍ଠିତ ହୋଇଯାଇଛି ।ଏହି ସଭାରେ ପ୍ରାୟ ପଚାଶରୁ ଅଧିକ ଅବସରପ୍ରାପ୍ତ ସେନା ଅଧିକାରୀ ଓ କର୍ମଚାରୀ ଯୋଗଦେଇ ସ୍ୱର୍ଗତ ବଳରାମଙ୍କ ସ୍ମୃତି ଚାରଣ କରିଥିଲେ ।ମେଜର କୁଳମଣି ସୁତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ବଳରାମଙ୍କ ସେନାବାହିନୀରେ ଚାକିରିକାଳ ସମୟର କର୍ତ୍ତବ୍ୟନିଷ୍ଠା ଓ ଦେଶପ୍ରୀତି ସମ୍ପର୍କରେ ସଭାରେ ଉପସ୍ଥିତ ଥିବାଅତିଥିମାନେ ଆଲୋଚନାକରି ଅତୀତକୁ ମନେ ପକେଇ ଭାବ ବିହ୍ୱଳ ବକ୍ତବ୍ୟ ରଖିଥିଲେ । ରାଜ୍ୟପାଳ ପୁରସ୍କୃତ ଶିକ୍ଷକ ଦୀନବନ୍ଧୁ ସେନାପତି, କୁଜଙ୍ଗ ପୂର୍ବତନ ସରପଞ୍ଚ କୈଳାସ ଚନ୍ଦ୍ର ବେହେରା, ଅବସର ପ୍ରାପ୍ତ ସେନା କର୍ମଚାରୀ ଓ ଅଧିକାରୀ ବିପିନ ମହାପାତ୍ର, ମାୟାଧର ପଣ୍ଡା, କାମଦେବ ବେଉରା, ଗୌତମ ମହାପାତ୍ର, ସତ୍ୟପ୍ରସାଦ ଦାସ, ପ୍ରଫୁଲ ମହାପାତ୍ର, ଅରକ୍ଷିତ ସାହୁ, ବିମଳ ପଟ୍ଟନାୟକ ଓ ଫକୀର କରଙ୍କ ସମେତ ବହୁ ଅତିଥି ବକ୍ତବ୍ୟ ପ୍ରଦାନ କରି ସ୍ମୃତି ଚାରଣ କରିଥିଲେ। ବଳରାମଙ୍କ ପୁତ୍ର ଦୀପ୍ତି ରଞ୍ଜନ ଦାସ, ରଶ୍ମି ରଞ୍ଜନ ବେହେରା, ଦୁର୍ଗାରାଣୀ ଦାସ ଓ ସମାଜସେବୀ ଧନୁ ବେହେରା ସଭା ପରିଚାଳନା କରିଥିଲେ । ସଭାରେ ବିଶିଷ୍ଟ ସେନା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଜରାଶ୍ରମ ପାଇଁ ଜମି ଦାନ କଲେ ସମାଜସେବୀ

**ଜଗତସିଂହପୁର,୧୪।୨(ସମିସ):** ଜଗତସିଂହପୁର ଜିଲ୍ଲାର ଅଗ୍ରଣୀ ସାମାଜିକ,ଆଧ୍ୟାତ୍ମିକ ତଥା ସାରସ୍ୱତ ଅନୁଷ୍ଠାନ ବ୍ୟାସ ଫାଉଣ୍ଡେସନ ତରଫରୁ ପରିକଳ୍ପିତ ବ୍ୟାସ ବିଷ୍ଣୁ ସ୍ନେହାଳୟ ଜରାଶ୍ରମ ପ୍ରତିଷ୍ଠା ପାଇଁ ଜମି ଦାନ କରିଛନ୍ତି କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ଗରେଇ ପଞ୍ଚାୟତ ନାଳିଆପାଳ ଗ୍ରାମର ସମାଜସେବୀ ବିଷ୍ଣୁ ଚରଣ ସ୍ୱାଇଁ। ଶ୍ରୀ ସ୍ୱାଇଁ ଶୁକ୍ରବାର ଦିନ ୪୦ ଡିସିମିଲ ଜମି ଏହି ଜରାଶ୍ରମ ପାଇଁ ବ୍ୟାସ ଫାଉଣ୍ଡେସନ ନାମରେ ମଣିଜଙ୍ଗା ସବ୍-ରେଜିଷ୍ଟ୍ରାର କାର୍ଯ୍ୟାଳୟରେ କବଲା କରିଛନ୍ତି। ଫାଉଣ୍ଡେସନ ତରଫରୁ ବହୁଦିନ ହେବ ଏହି ଜରାଶ୍ରମ ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଥିବା ବେଳେ ଅଧ୍ୟକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ଅନୁରୋଧକୁ ଗ୍ରହଣ କରି ଶ୍ରୀ ସ୍ୱାଇଁ ଏଭଳି ମହତ କାର୍ଯ୍ୟ କରିଥିବା ଫାଉଣ୍ଡେସନର ସଭାପତି ଡଃ ସିଦ୍ଧେଶ୍ୱର ପଣ୍ଡା,ଉପ-ସଭାପତି ରଶ୍ମିତା ନାୟକ ଏବଂ ବିବେକାନନ୍ଦ ହୋତା ସୂଚନା ଦେଇଛନ୍ତି। ଏହି ଅବସରରେ ଅନୁଷ୍ଠାନ ତରଫରୁ ଭୂମିଦାତା ବିଷ୍ଣୁ ସ୍ୱାଇଁଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନୁଷ୍ଠାନର ଉପଦେଷ୍ଟା ରମାକାନ୍ତ ରାଉଳ,ଅକ୍ଷୟ ସାହୁ,ରଞ୍ଜନ ପ୍ରଧାନ,ସୂର୍ଯ୍ୟ ନାରାୟଣ ବେହେରା,ଦେବେନ୍ଦ୍ର ମଲ୍ଲିକ,ସଂଗ୍ରାମ ମନ୍ତ୍ରୀ,ଅମର ସ୍ୱାଇଁ,ଶିକ୍ଷାବିତ୍ ଅଭୟ ଲେଙ୍କା ଏବଂ ଆଇନ ପରାମର୍ଶଦାତା ହୃଷିକେଶ ନନ୍ଦ ପ୍ରମୁଖ ଭୂମିଦାନ ସମୟରେ ଉପସ୍ଥିତ ଥିଲେ।

## ବଉଳାଙ୍ଗ-କନ୍ତେଇନାଳୀ କଚ୍ଚା ରାସ୍ତା
# ଯାତାୟାତ ବିପର୍ଯ୍ୟସ୍ତ, ସାଧାରଣରେ ଅସନ୍ତୋଷ

**କୁଜଙ୍ଗ,୧୪।୨(ସମିସ):** କୁଜଙ୍ଗ ଓ ଏରସମା ବ୍ଲକର କିଛି ଗ୍ରାମକୁ ସଂଯୋଗ କରୁଥିବା ବଉଳାଙ୍ଗ-କନ୍ତେଇନାଳୀ ରାସ୍ତା ଏବେ ବି ମାଟି ରାସ୍ତା ରହି÷ଛି। ସରକାରୀ ଅନୁଦାନରେ ରାସ୍ତାର କିଛି ଅଂଶ ଢଳେଇ କରାଯାଇଥିବା ବେଳେ ୭୦ ଭାଗ ରାସ୍ତା ଏବେ ମଧ ନିର୍ମାଣ ହୋଇ ନାହିଁ। କୁଜଙ୍ଗ ବ୍ଲକ ପାଟପୁର ପଞ୍ଚାୟତର ବଉଳାଙ୍ଗ ଓ ଏରସମା ବ୍ଲକ ବାମଦେଇପୁର ପଞ୍ଚାୟତର କନ୍ତେଇନାଳୀ, ବାରଖଣା ଓ ଚତ୍ରକନ୍ଧା ଆଦି ଗ୍ରାମକୁ କମ୍ ଦୂରତାରେ ସଂଯୋଗ କରୁଥିବା ଏହି ରାସ୍ତାରେ ଥିବା କଲଭର୍ଟ ମଧ ନିମାଣ କରାଯାଇଛି। ଏବେ ରାସ୍ତାରେ ମୋରମ କିମ୍ବା ଯାତାୟତ ପାଇଁ କିଛି ସୁଗମ ବ୍ୟବସ୍ଥା କରାଗଲେ ଚାଷୀ ମାନେ ଜମିରୁ ଶସ୍ୟ ପରିବହନ ସହ ବିଦ୍ୟାଳୟର ପିଲାମାନେ ଯାତାୟତରେ ଅଯଥା ଶ୍ରମ ଓ ଶକ୍ତି ନଷ୍ଟ କରନ୍ତେ ନାହିଁ ବୋଲି ସ୍ଥାନୀୟ ମୁରବି ସଉରୀ ଚରଣ ସ୍ୱାଇଁ, ଶିକ୍ଷାବିତ୍ ପ୍ରମୋଦ କୁମାର ମହାନ୍ତି ଓ କିଶୋର ଚନ୍ଦ୍ର ତ୍ରିପାଠୀ ପ୍ରମୁଖ କହିଛନ୍ତି। ଦୀର୍ଘଦିନ ହେଲା ଏହି ରାସ୍ତା ନିର୍ମାଣ ପାଇଁ ଦାବି ହୋଇ ଆସୁଥିବା ବେଳେ ଜିଲ୍ଲାପାଳ ଏହି ରାସ୍ତାର ନିର୍ମାଣ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ପାରାଦୀପ ତୈଳ ବିଶୋଧନାଗାର ଏହି ରାସ୍ତା ନିକଟରେ ଯାଇଛି ଓ ବିଶୋଧନାଗାର ପ୍ରକଳ୍ପ ଏହି ରାସ୍ତା ଠାରୁ ମାତ୍ର କେତେ ମାଇଲ ଦୂର ହୋଇଥିବା ବେଳେ ଅଞ୍ଚଳର ବିକାଶ ଏହି ନଗ୍ନ ଚିତ୍ରକୁ ନେଇ ଭିନ୍ନ ଭିନ୍ନ ଅଶଙ୍କା ପ୍ରକାଶ ପାଇଥିବା ବେଳେ ଅଞ୍ଚଳରେ ପ୍ରତିଷ୍ଠିତ ଶିଳ୍ପସଂସ୍ଥାର ସିଏସ୍‌ଆର ପାଣ୍ଠି ଅନ୍ୟ ବାହାର ଜିଲ୍ଲା ଏପରିକି ବହୁ ବେସରକାରୀ ଅନୁଷ୍ଠାନରେ ପାଣି ଖର୍ଚ୍ଚ କରାଯାଉଥିବା ବେଳେ ସାଧାରଣ ଲୋକଙ୍କ ଗମନାଗମନର ସୁଗମ ପାଇଁ ବିନିଯୋଗ ନହେବା କ୍ଷୋଭର ବିଷୟ ବୋଲି କୁହନ୍ତି ସୁରବାଳା ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ କେଶବ ଚରଣ ଦାଶ।

## ଚୋରା ମଦ କାରବାର ବୃଦ୍ଧି, ଅବକାରୀ ବିଭାଗ ନିଷ୍କ୍ରିୟ

**ମଣିଜଙ୍ଗା,୧୪।୨(ସମିସ):** ତିର୍ତ୍ତୋଲ ଥାନା ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ହାଟ ବଜାର ଓ ଢାବା ମାନଙ୍କରେ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି ଚାଲୁଥିଲେ ମଧ୍ୟ ତିର୍ତ୍ତୋଲ ଅବକାରୀ ଥାନା ଏ ଦିଗରେ ନିଷ୍କ୍ରିୟ ରହିଛି। କେତେକ ଅବକାରୀ କର୍ମଚାରୀ ଚୋରା ମଦ ବେପାରୀଙ୍କ ସହିତ ହାତରଖି ମୋଟା ଅଙ୍କର ଉତ୍‌କୋଚ ନେଇ ଅଭିଯୁକ୍ତମାନଙ୍କୁ ଘଣ୍ଟ ଘୋଡେଇ ଚାଲିଛନ୍ତି । ପାଟ୍ରୋଲିଂ ସମୟରେ ଅସାଧୁ କର୍ମଚାରୀ ମାନେ ଫୋନ ଦ୍ୱାରା ସତର୍କ କରାଇ ଦେଉଛନ୍ତି । ଯାହାଦ୍ୱାରା ବହୁଳ ପରିମାଣରେ ଚୋରା ମଦ ବିକ୍ରି ଚାଲିଛି । ତିର୍ତ୍ତୋଲ ଲକ୍ ବଜାର, ତିର୍ତ୍ତୋଲ ବଜାର, କନକପୁର ନଣ୍ଡା ଦେଉଳ , ବାଲିପାଟଣା, ନୁଆପୋଖରୀ, ଅରିଲୋ, ଜଗନ୍ନାଥପୁର, ତୁଳଙ୍ଗ, ଗରାମ, କୋଇର, ମୁଳିଶିଂ, ପାଟିଲୋ, ରାହାମା ଇତ୍ୟାଦି ସ୍ଥାନମାନଙ୍କରେ ଚୋରା ମଦ ବେପାର ଚାଲିଛି । ଏଥିପ୍ରତି ଜଗତସିଂହପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଓ ଅବକାରୀ ବିଭାଗର ଉଚ୍ଚ ପଦସ୍ଥ ଅଫିସର ତୁରନ୍ତ ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନେବାପାଇଁ ଶିକ୍ଷାବିତ୍‌ମାନେ ଦାବି କରିଛନ୍ତି।

## ସିଦ୍ଧବାରଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ




**ଜଗତସିଂହପୁର,୧୪।୨(ସମିସ):** ଜଗତସିଂହପୁର ସଦର ବ୍ଲକ୍ ଅନ୍ତର୍ଗତ ପୁନଙ୍ଗସ୍ଥିତ ସିଦ୍ଧ ବାରଙ୍ଗ ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ବୈଷୟିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଗତ ୧୧ ତାରିଖଠାରୁ ୧୩ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଅନୁଷ୍ଠିତ ହୋଇଯାଇଛି। କ୍ରୀଡା ଶିକ୍ଷକ ସୁନୀଲ କୁମାର ମହାନ୍ତି ଏହି ତିନି ଦିନିଆ କ୍ରୀଡା ଉତ୍ସବର ସମସ୍ତ କ୍ରୀଡାକୁ ପରିଚାଳନା କରିଥିଲେ। ୧୩ ତାରିଖ ଅପରାହ୍ନରେ ଅଧ୍ୟାପକ ବାଦଲ କୁମାର ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟର ଅଧ୍ୟକ୍ଷ ଶୀତଳ କୁମାର ପଣ୍ଡା ଏବଂ ଅନୁଷ୍ଠାନର ପ୍ରତିଷ୍ଠାତା ବିଜୟ କୁମାର ଗୋସ୍ୱାମୀ ଅତଥି ଭାବେ ଯୋଗଦେଇ କ୍ରୀଡା ଉତ୍ସବ ଆୟୋଜନର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିବା ସହିତ କ୍ରୀଡା,ଶରୀର ଓ ମନକୁ ସୁସ୍ଥ ଓ ପ୍ରଫୁଲ୍ଲ ରଖିଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ସଫଳ ହୋଇଥିବା କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପିକା କଲ୍ୟାଣୀ ଶତପଥୀ,ବିନୋଦିନୀ ଶତପଥୀ,ସ୍ୱପ୍ନା ତରଙ୍ଗିନୀ ମିଶ୍ର,ସସ୍ମିତା ଜେନା,ରୂପସ୍ମିତା ନାୟକ,ଶୁଭଶ୍ରୀ ତ୍ରୀପାଠୀ,ମୋନାଲିସା ପଣ୍ଡା,ଅଧ୍ୟାପକ ଦେବାଶିଷ ସିହ୍ନା,ଦିପ୍ତି ସାହୁ,ଜେସସ ରାୟ,ସନ୍ତୋଷ ନନ୍ଦ,ରଞ୍ଜିତ୍ ସାହୁ,କୃଷ୍ଣଚନ୍ଦ୍ର ସାହୁ,ବିଜୟ କୁମାର ଦାସ,ପ୍ରଭାକର ପାତ୍ର,ଦିଲ୍ଲିପ ପୋଥାଳ,ଜ୍ଞାନରଞ୍ଜନ ରାଉତ,ଭିକାରୀ ନନ୍ଦ,ଅଶୋକ ପରିଡା ଏବଂ ହାଡିବନ୍ଧୁ ରାଉତ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ।



### ■ ବୃହତ୍‌ବନ୍ଦରଫୁଟବଲପ୍ରତିଯୋଗିତା
## ସେମିଫାଇନାଲରେ ମୁମ୍ବାଇ, ଚେନ୍ନାଇ, ପାରାଦୀପ ଓ ଭିଓସି ବନ୍ଦର

**ପାରାଦୀପ,୧୪।୨ (ସମିସ):** ପାରାଦୀପ ବନ୍ଦର ପ୍ରାଧିକରଣ ଓ ଅଖିଳ ଭାରତ ବୃହତ୍ ବନ୍ଦର କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଆୟୋଜିତ ୪୬ତମ ଅଖିଳ ଭାରତ ବୃହତ୍ ବନ୍ଦର ଫୁଟବଲ ପ୍ରତିଯୋଗିତାର ଶେଷ ଲିଗ ପର୍ଯ୍ୟାୟରେ କୋଚିନ ଓ ବିଶାଖାପାଟଣା ମଧ୍ୟରେ ଖେଳାଯାଇଥିବା ପ୍ରଥମ ମ୍ୟାଚ ଅମୀମାଂସିତ ରହିଥିଲା। ଦ୍ୱିତୀୟ ମ୍ୟାଚରେ ଚେନ୍ନାଇ ବନ୍ଦର ଭିଓସି ବନ୍ଦରର ଖେଳ ମଧ୍ୟ ଅମିମାଂସିତ ରହିଥିଲା। ସେହିପରି ତୃତୀୟ ମ୍ୟାଚରେ ମୁମ୍ବାଇ ବନ୍ଦର ଆୟୋଜକ ପାରାଦୀପ ବନ୍ଦରକୁ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୨-୧ ଗୋଲରେ ପରାସ୍ତ କରିଥିଲା। ଆସନ୍ତା କାଲି ସେମିଫାଇନାଲ ମ୍ୟାଚରେ ପାରାଦୀପ ବନ୍ଦର ଚେନ୍ନାଇ ବନ୍ଦରକୁ ତଥା ଭିଓସି ବନ୍ଦର ମୁମ୍ବାଇ ବନ୍ଦରକୁ ଭେଟିବ।

## ଦୁର୍ଘଟଣାରେ ପୀଡ଼ିତ ବିକାଶ ପଶାୟତଙ୍କୁ ଆର୍ଥିକ ସହାୟତା

**କୁଜଙ୍ଗ,୧୪।୨(ସମିସ):** ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ବିଶ୍ୱାଳୀ ଗ୍ରାମର ଦୁର୍ଘଟଣା ପୀଡିତ ବିକାଶ ପଶାୟତଙ୍କୁ ସହାୟତାର ହାତ ବଢ଼ାଇଛନ୍ତି ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା’ ତାରିଣୀ ହେଲ୍ପିଂ ହ୍ୟାଣ୍ଡସ୍ । ସୂଚନା ଯୋଗ୍ୟ କି, ଗତ ସପ୍ତାହରେ ବିକାଶ ମୋଟର ସାଇକଲରେ ଘରକୁ ଫେରିବା ସମୟରେ ଘନ କୁହୁଡି ଯୋଗୁଁ ଦେଖି ନ ପାରି ରାସ୍ତାରେ ଥିବା ଷଣ୍ଢ ସହ ଦୁର୍ଘଟଣାର ଶିକାର ହୋଇ ବର୍ତ୍ତମାନ କଟକସ୍ଥିତ ଅଶ୍ୱିନୀ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ସେ ଜଣେ ଦିନ ମଜୁରିଆ ଭାବରେ କାମ କରନ୍ତି ।ବାପା ଜଣେ ମାନସିକ ରୋଗୀ ।ପାଖରେ ଯାହା ଅର୍ଥ ଥିଲା ସବୁ ଖର୍ଚ୍ଚ ସାରିଲାଣି । ସ୍ୱାସ୍ଥ୍ୟ କାର୍ଡର ଲିମିଟ ବି ସରିଗଲାଣି । ଡାକ୍ତରଙ୍କ କହିବା ଅନୁସାରେ ଆହୁରି ୨୦-୨୫ ଲକ୍ଷ ଟଙ୍କା ଅସ୍ତ୍ରୋପଚାର ଲାଗି ଦରକାର। ଏତେ ଟଙ୍କା ଯୋଗାଡ଼ କରିବା ତାଙ୍କ ପରିବାର ପକ୍ଷେ ଅସମ୍ଭବ ।ବାପାଙ୍କୁ ବଞ୍ଚାଇବା ଲାଗି ଝିଅ ଘର ଘର ବୁଲି ଭିକ୍ଷା ଦାନ ମାଗୁଛି । ବିକାଶଙ୍କର ଚିକିତ୍ସାରେ ଅର୍ଥ ସାଜିଛି ବାଧକ । ବିଭିନ୍ନ ଗଣମାଧ୍ୟମରୁ ଏହି ଅଭାବନୀୟ ଖବର ପାଇ ମା’ ତାରିଣୀ ହେଲ୍ପିଂ ହ୍ୟାଣ୍ଡସ୍ ର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ସଂଯୋଜକ ମାନସ କୁମାର ମଲ୍ଲିକ, ବରିଷ୍ଠ ସଦସ୍ୟ ଜ୍ୟୋତି ରଞ୍ଜନ ସ୍ୱାଇଁ, ଜୀବନଜ୍ୟୋତି ଜୟସିଂ, ହରେକୃଷ୍ଣ ବେହେରା, ସତ୍ୟବ୍ରତ ଦାସ ଏବଂ ସମ୍ବିତ ଦାସ ପ୍ରମୁଖ ବିକାଶଙ୍କ ବାସଭବନରେ ପହଞ୍ଚି ତାଙ୍କ ପରିବାରକୁ ପନ୍ଦର ହଜାର ଟଙ୍କାର ଆର୍ଥିକ ସହାୟତା ଦେବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ । ମା ତାରିଣୀ ହେଲଫିଂ ହ୍ୟାଣ୍ଡସର ବଦାନ୍ୟତା ପାଇଁ ବିକାଶଙ୍କ ପରିବାରବର୍ଗ କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି ।

# ‘ପ୍ରସନ୍ନଙ୍କ ବଳିଦାନକୁ ଝୁରୁଛି ପାରିଶିଖର’



**ନାଉଗାଁ, ୧୪।୨(ସମିସ):** ଅମର ସହିଦ ପ୍ରସନ୍ନଙ୍କ ପାଇଁ ଆଜି ଗର୍ବିତ ନାଉଗାଁର ପାରିଶିଖର। ଆଜି ବି ମନେ ପଡ଼େ ସେଦିନର ୪୦ ଯବାନଙ୍କ ବଳିଦାନର ଗାଥା ।୨୦୧୯ ଫେବୃଆରୀ ୧୪ ଯେଉଁ ଦିନକୁ ଭୁଲିନି ସମଗ୍ର ଭାରତ। ଯେଉଁ କଥା ମନେ ପଡିଲେ ଦେହରେ ଖେଳି ଯାଏ ଶିହରଣ,ଆଖିରେ ଝରିଆସେ ଲୁହ ଏବଂ ଥରି ଉଠେ ଛାତି। ଏହି ଦିନରେ ହୋଇଥିଲା ଜମ୍ମୁକାଶ୍ମୀରର ପୁଲବାମାରେ ସେନାବାହିନୀର ଗାଡି ଉପରକୁ ଭୟଙ୍କର ବିସ୍ଫୋରଣ। ଯେଉଁ ଆତଙ୍କବାଦୀଙ୍କ ବିସ୍ଫୋରଣରେ ସହିଦ ହୋଇଯାଇଥିଲେ ୪୦ବୀର ଯବାନ। ସେମାନଙ୍କ ମଧ୍ୟରେ ଥିଲେ ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ପାରିଶିଖର ଗ୍ରାମର ସହିଦ ପ୍ରସନ୍ନ ସାହୁ। ଯାହାଙ୍କ ବଳିଦାନରେ ଗର୍ବିତ ହୋଇଥିଲା ନାଉଗାଁ ମାଟି ଓ ଦେଶ। ତାଙ୍କର ଏହି ବଳିଦାନକୁ ଆଜ ବିତି ଯାଇଛି ୬ ବର୍ଷ। କିନ୍ତୁ ତାଙ୍କର ଏହି ବଳିଦାନକୁ ଭୁଲିନି ନିଜ ଜନ୍ମମାଟି ଆଉ ସାରା ଦେଶ। ଦେଶ ପାଇଁ ତାଙ୍କର ଏହି ବଳିଦାନକୁ ନେଇ ଗର୍ବ କରୁଛନ୍ତି ପରିବାର ଲୋକେ। ଆଜି ତାଙ୍କର ଏହି ସ୍ମୃତିକୁ ମନେ ରଖିବା ପାଇଁ ଗ୍ରାମବାସୀ ଓ ଉତ୍କଳ ସେବାନିବୃତ୍ତ ସେନାନୀ ସଂଘ ପକ୍ଷରୁ ସଭାପତି ସୋମନାଥ ମହାରଣା, ସମ୍ପାଦକ ସୁଧାଂଶୁ ନାୟକ ଓ ଅନ୍ୟ ସଦସ୍ୟଙ୍କ ପକ୍ଷରୁ ମିଳିତ ଉଦ୍ୟମରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଥିଲା। ଅନ୍ୟପଟେ ଯାହାଙ୍କ ବଳିଦାନ ପାଇଁ ସାରା ଦେଶ ଗର୍ବିତ, ତାଙ୍କରି କାର୍ଯ୍ୟକୁ ଅଣଦେଖା କରୁଛନ୍ତି ଜିଲ୍ଲା ପ୍ରଶାସନ। କଥା ଦେଇ କଥା ରଖିପାରି ନାହାନ୍ତି। ରାଜ୍ୟସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପ୍ରଶାସନ ତାଙ୍କର ଏହି ବଳିଦାନକୁ ଚିର ସ୍ମରଣୀୟ କରି ରଖିବା ପାଇଁ ଆଦର୍ଶ ବିଦ୍ୟାଳୟ, ଆଦର୍ଶ ଗ୍ରାମ କରିବା ସହିତ ଗ୍ରାମୀଣ ପାର୍କ ଓ ଶିଖରଘାଟ ପୋଲ ପ୍ରଭୃତିକୁ ତାଙ୍କ ନାମରେ ନାମିତ କରାଯିବାର ଯେଉଁ ବ୍ୟବସ୍ଥା ରହିଥିଲା ତାହା କେବଳ କାଗଜପତ୍ରରେ ସୀମିତ ହୋଇ ରହିଯାଇଛି ବୋଲି ଅସନ୍ତୋଷ ପ୍ରକାଶ କରିଛନ୍ତି ଗ୍ରାମବାସୀ। ଏହାକୁ ଯଥାଶୀଘ୍ର କରାଯିବା ପାଇଁ ସରକାର ଓ ପ୍ରଶାସନ ନିକଟରେ ଦାବି ରଖିଛନ୍ତି ଗ୍ରାମବାସୀ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସିଆରପିଏଫ ଡିଆଇଜିପି ଭରତଭୂଷଣ ସେଠୀ ସହ ସିଆରପିଏଫ କମାଣ୍ଡାଣ୍ଟ ଅମୟ କୁମାର ସାହୁ ,ନାଉଗାଁ ବିଡିଓ ପତନ କୁମାର ମହାପାତ୍ର ଉପସ୍ଥିତ ରହି ପ୍ରସନ୍ନଙ୍କ ବଳିଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି ପ୍ରକାଶ କରିଛନ୍ତି।

## ନେହୁଲିଆରେ ଅଷ୍ଟପ୍ରହର ନାମଯଜ୍ଞ

**ରଘୁନାଥପୁର,୧୪।୨(ସମିସ):** ରଘୁନାଥପୁର ବ୍ଲକ ଅନ୍ତର୍ଗତ ପୂରଣ ଓଡ଼ପଡ଼ା ଗ୍ରାମପଞ୍ଚାୟତର ଅନନ୍ତପୁର ନେହୁଲିଆ ଗ୍ରାମସ୍ଥିତ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ବାର୍ଷିକ ଅଷ୍ଟମପ୍ରହର ନାମଯଜ୍ଞ ମହାସମାରୋହରେ ଗତକାଲି ଅନୁଷ୍ଠିତ ହୋଇଯାଇଛି। ଗତ ଗୁରୁବାର ଦିନ ଶୁଭାଧିବାସ ହୋଇଥିବା ବେଳେ ଶୁକ୍ରବାର ଦିନ ଅହୋରାତ୍ର ନାମଯଜ୍ଞରେ ଅନନ୍ତପୁର ନେହୁଲିଆ, ଓଡ଼ାପଡ଼ା, ଅରଙ୍ଗ, ପାଟେଣୀଗାଁ , ରାଧାନଗର ଗ୍ରାମର ଶତାଧିକ ଲୋକ ଯୋଗଦେଇଥିବା ବେଳେ ସମସ୍ତ ଭକ୍ତଙ୍କ ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ନାମଯଜ୍ଞରେ ମଙ୍ଗୁଳି ଚରଣ ରାଉତ କର୍ତ୍ତା ହୋଇଥିବା ବେଳେ ପଞ୍ଚାୟତର ସମସ୍ତ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

